ଆଜି - ବୁଧବାର
ତାରିଖ - ୨୫ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୧୧
ତିଥି - ସପ୍ତମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ମୃଗଶିରା, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୦: ୦୦
ସୂର୍ଯ୍ୟାସ୍ତ - ୫ : ୫୫ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଏକ କ୍ଷୁଦ୍ର କାରଣରୁ ଏକ ବିଶାଳ ପରିଣାମର ଆବିର୍ଭାବ ଘଟେ, ଯେମିତି ବଟ ବୃକ୍ଷର କ୍ଷୁଦ୍ର ବୀଜରୁ ବିଶାଳ ବଟ ବୃକ୍ଷ ସୃଷ୍ଟି ହୁଏ । ସେମିତି କ୍ଷୁଦ୍ର ଘଟଣାଟଏ, କିନ୍ତୁ ବିରାଟ ଘଟଣା ଉତ୍ପନ୍ନ କରେ ।"
– ଗୌତମ ବୁଦ୍ଧ


E-mail: ajikalibls@gmail.com
E-News : www.Ajikali epaper.com

Vol.- 40 ISSUE- 340 R.N.I. REGD. No. 44026/86 ବାଲେଶ୍ୱର ୨୫ ମାର୍ଚ୍ଚ ୨୦୨୬ ବୁଧବାର BALASORE 25 MARCH 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ଷଷ୍ଠ ଦିବସରେ ମା'ଙ୍କ 'କାତ୍ୟାୟନୀ' ବେଶ ॥

## ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସମ୍ପର୍କରେ ରାଜ୍ୟସଭାକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଉଦବୋଧନ ଦେଇ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସମ୍ପର୍କରେ ସରକାରଙ୍କ ମତ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲୁଥିବା ଏହି ସଂଘର୍ଷ ଗଭୀର ବିଶ୍ୱ ଶକ୍ତି ସଙ୍କଟ ସୃଷ୍ଟି କରିଛି, ଯାହା ଭାରତ ପାଇଁ ଚିନ୍ତାଜନକ ପ୍ରଭାବ ଫେଲାଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହା ଭାରତର ବାଣିଜ୍ୟ ମାର୍ଗକୁ ବାଧାପ୍ରାପ୍ତ କରୁଛି ଏବଂ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ସାର ପରି ଅତ୍ୟାବଶ୍ୟକୀୟ ସାମଗ୍ରୀର ଯୋଗାଣକୁ ପ୍ରଭାବିତ କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରାୟ ୧୦ ମିଲିୟନ୍ ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ବାସ ଓ କାର୍ଯ୍ୟରତ ଅଛନ୍ତି, ତେଣୁ ସେମାନଙ୍କ ସୁରକ୍ଷା ଓ ଜୀବିକା ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ । ସେ ହର୍ମୁଜ୍ ପ୍ରଣାଳୀରେ ଜାହାଜରେ ଫସିଥିବା ଭାରତୀୟ କ୍ରୁ ସଦସ୍ୟଙ୍କ ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ । "ଏପରି ପରିସ୍ଥିତିରେ, ଭାରତୀୟ ସଂସଦର ଏହି ଉଚ୍ଚ ସଦନ ସମଗ୍ର ବିଶ୍ୱରେ ଶାନ୍ତି ଓ ଆଲୋଚନା ପାଇଁ ଏକତ୍ରିତ ସ୍ୱର ଉଠାଇବା ଅତ୍ୟନ୍ତ ଆବଶ୍ୟକ," ବୋଲି ସେ କହିଥିଲେ । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତର



ଜୋରଦାର କୂଟନୈତିକ ପ୍ରୟାସ ବିଷୟରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଗୃହକୁ ସୂଚନା ଦେଇଥିଲେ ଯେ ସେ ନିଜେ ଅଧିକାଂଶ ପଶ୍ଚିମ ଏସୀୟ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ ଦୁଇଥର ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି ଏବଂ ଭାରତ ସମସ୍ତ ଉପସାଗରୀୟ ଦେଶ, ଇରାନ, ଇସ୍ରାଏଲ ଏବଂ ଆମେରିକା ସହିତ ନିରନ୍ତର ଯୋଗାଯୋଗରେ ଅଛି । ସେ କହିଥିଲେ ଯେ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ଏହି ଅଂଚଳରେ ଶାନ୍ତି ଫେରାଇ ଆଣିବା ଲକ୍ଷ୍ୟ ଥିଲା ଏବଂ ଉତ୍ତେଜନା ହ୍ରାସ ଏବଂ ହରମୁଜ୍ ପ୍ରଣାଳୀର ପୁନଃଖୋଲିବା ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଛି । ଭାରତର ଦୃଢ଼ ମନୋଭାବ ଉପରେ ଗୁରୁତ୍ୱାରୋପ କରି ସେ ଘୋଷଣା କରିଥିଲେ ଯେ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ଏବଂ ହରମୁଜ୍ ପ୍ରଣାଳୀ ଭଳି ଆନ୍ତର୍ଜାତୀୟ ଜଳପଥରେ ବାଧା ସୃଷ୍ଟି କରିବା ଗ୍ରହଣୀୟ ନୁହେଁ, ଏବଂ ଭାରତ ସାଧାରଣ ନାଗରିକ, ସାଧାରଣ ଭିତିଭୂମି, ଶକ୍ତି ଏବଂ ପରିବହନ ଭିତିଭୂମି ଉପରେ ସମସ୍ତ ଆକ୍ରମଣକୁ ସ୍ପଷ୍ଟ ଭାବରେ ବିରୋଧ କରୁଛି । ଶ୍ରୀ ମୋଦୀ କହିଛନ୍ତି, 'ଏହି ଯୁଦ୍ଧରେ ମାନବ ଜୀବନ ପ୍ରତି ଯେକୌଣସି ବିପଦ ମାନବତାର ସ୍ୱାର୍ଥ ବିରୁଦ୍ଧରେ, ଏବଂ ତେଣୁ, ଭାରତର ନିରନ୍ତର ପ୍ରୟାସ ହେଉଛି ସମସ୍ତ ପକ୍ଷଙ୍କୁ ଯଥାଶୀଘ୍ର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଆଡକୁ ଅଗ୍ରସର ହେବା ପାଇଁ ଉତ୍ସାହିତ କରିବା ।' ଏହି ସଙ୍କଟ ସମୟରେ ଭାରତ ଏବଂ ବିଦେଶରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ସରକାରଙ୍କର ଅଟଳ ପ୍ରାଥମିକତା ବୋଲି ଦାବି କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩,୭୫,୦୦୦ ରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଭାବରେ ଭାରତକୁ ଫେରାଇ ଅଣାଯାଇଛି । ଏଥିରେ କେବଳ ଇରାନରୁ ୧,୦୦୦ ରୁ ଅଧିକ ଭାରତୀୟ ସାମିଲ ଅଛନ୍ତି, ଯେଉଁଥିରେ ୭୦୦ରୁ ଅଧିକ ଯୁବ ଡାକ୍ତରୀ ଛାତ୍ର ମଧ୍ୟ ଅଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ



ଭୁବନେଶ୍ୱର : ଓଡିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ MoU ସ୍ୱାକ୍ଷର ହୋଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀ ରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିଶନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି । କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ । ସେ କହିଥିଲେ ଯେ, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । Operation & Maintenance Policy ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି, ଆର୍ଥିକ ସ୍ଥିରତା ଓ ସଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର ଦିଆଯାଉଛି । ସୁଜଳମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ଓଉ ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତୀୟ ସମନ୍ୱୟ ସମ୍ପନ୍ନ ହୋଇଛି । ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ, ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି । ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରୀଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ସିଟିଜେନ୍-ସେଂଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି । ଗ୍ରାମସ୍ତରରେ Village Water & Sanitation Committee (VWSC) ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି ଓ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ "ଜଳ ଅର୍ପଣ ଦିବସ" ସଫଳତାର ସହିତ ପାଳନ ହୋଇଛି । ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ ।

## ଚଳିତ ବର୍ଷ ବଢ଼ିବନି ବିଜୁଳି ଦର

ଭୁବନେଶ୍ୱର : ଚଳିତ ବର୍ଷ ବି ବଢିବନି ବିଜୁଳି ଦର । ତାରିଫ ନ ବଢ଼ାଇବା ନେଇ କମିଶନ ନିଷ୍ପତି ନେଇଥିବା ସୂଚନା ଦେଲା OERC । ଗତ ୫ବର୍ଷ ହେବ ବିଜୁଳି ତାରିଫ ବଢ଼ି ନ ଥିବାବେଳେ ୨୦୨୩-୨୪ରେ କମିଥିଲା ୧୦ପଇସା । ଏହାଛଡା ବିଦ୍ୟୁତ ବିତରଣ କମ୍ପାନୀ ଉପରେ ଲଗାମ ରଖିବା ସହ ଗ୍ରାହକଙ୍କ ସୁବିଧା ପାଇଁ ନେଇଛନ୍ତି କିଛି ବଡ଼ ପଦକ୍ଷେପ । ଓଇଆରସି ପକ୍ଷରୁ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ଖର୍ଚ୍ଚର ହେବ ସିଏଜି ଅଡିଟ । ୫୦ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡ଼ର ଗୁଡ଼ିକରେ ଲାଗିବ ସ୍ମାର୍ଟ ମିଟର । କୃଷି କ୍ଷେତ୍ରରେ ୬୦ପ୍ରତିଶତରୁ ଅଧିକ ଲୋଡ଼ ନେଉଥିଲେ ସେ ଗୁଡ଼ିକ ସୋଲାର ଦ୍ୱାରା ବିଦ୍ୟୁତି କରଣ କରାଯିବ ବୋଲି କୁହାଯାଇଛି । ଏହାସହ ବାଣିଜିକ ଓ ପରିବହନ କ୍ଷତି ଅଧିକ ହେଉଥିବା ଅଂଚଳରେ ଟ୍ରାନ୍ସଫରମର ସହ ବିଦ୍ୟୁତ ବିତରକ କମ୍ପାନୀ ଲଗାଇବେ ସ୍ମାର୍ଟ ମିଟର । ସ୍ମାର୍ଟ ମିଟରର ସଫ୍ଟୱେର ଅଡ଼ିଟ କରିବ ତୃତୀୟ ପକ୍ଷ କମ୍ପାନୀ । ସ୍ମାର୍ଟ ମିଟର ଅଧିକ ବିଲ ଆସୁଥିବା ନେଇ ବିଭିନ୍ନ ସମୟରେ ଆସୁଥିଲା ଅଭିଯୋଗ ।

## ଅଳ୍ପରେ ଖବର

- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କୁ କେତେକ ଅଜଣା ଦୁର୍ବୃତ୍ତ ଛୁରୀରେ ତାର ବେକ କାଟି ହତ୍ୟା କରିଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା ସେଠାର ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।
- ଖୋର୍ଦ୍ଧା ଜିଲ୍ଲାର ସାଇ ବେହେରାଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।
- ବିଳମ୍ବିତ ରାତିରେ ଗୁଳିମାଡ଼ରେ ୨ ଯୁବକ ଗୁରୁତର । ବାଲେଶ୍ୱର ଜିଲ୍ଲାର ଅରଡ ବଜାରରେ ବିଳମ୍ବିତ ରାତିରେ ହୋଇଥିବା ଗୁଳିକାଣ୍ଡରେ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ମନୋଜ ସାହୁ ଏବଂ କାର୍ତ୍ତିକ ପ୍ରସାଦ ।
- ସୁଭଦ୍ରା ଚତୁର୍ଥ କିସ୍ତିର ଟଙ୍କା ଯେଉଁ ମା ମାନେ କୌଣସି କାରଣରୁ ବଂଚିତ ହୋଇଛନ୍ତି ବା ପାଇନାହାନ୍ତି ସେମାନଙ୍କ ତାଲିକା ବିଭାଗୀୟ ସଚିବ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଉପସାଗରୀୟ ଦେଶର ରାଷ୍ଟ୍ରଦୂତଙ୍କୁ ସାକ୍ଷାତ କଲେ ଏସ୍. ଜୟଶଙ୍କର

ନୂଆଦିଲ୍ଲୀ: ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର



ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ କଥା ହୋଇଛନ୍ତି । ଏହି ସାକ୍ଷାତ ସମୟରେ ସେ ଉପସାଗରୀୟ ଦେଶଗୁଡ଼ିକର ରାଷ୍ଟ୍ରଦୂତଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ । ଜୟଶଙ୍କର ସୋସିଆଲ ମିଡିଆରେ ସେୟାର କରିଛନ୍ତି ଯେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଏବଂ ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରଭାବ ବିଷୟରେ ତାଙ୍କର ରୁବିଓଙ୍କ ସହ ଦୀର୍ଘ ଆଲୋଚନା ହୋଇଥିଲା । ବିଶେଷକରି, ଶକ୍ତି ସୁରକ୍ଷା ଏବଂ ଯୋଗାଯୋଗରେ ରହିବା ପାଇଁ ପ୍ରତିବଦ୍ଧତା ସମ୍ପର୍କରେ ଚିନ୍ତା ପ୍ରକାଶ କରାଯାଇଥିଲା । ଏସ. ଜୟଶଙ୍କର ମଧ୍ୟ ଉପସାଗରୀୟ ସହଯୋଗ ପରିଷଦ ସଦସ୍ୟ ଦେଶଗୁଡ଼ିକର ରାଷ୍ଟ୍ରଦୂତଙ୍କ ସହ ସାକ୍ଷାତ କରିଥିଲେ । ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ବାହାରିନ, ଓମାନ, କୁଏତ ଏବଂ କାତାରର ରାଷ୍ଟ୍ରଦୂତମାନେ ବୈଠକରେ ଯୋଗ ଦେଇଥିଲେ । ସେମାନେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ସେମାନଙ୍କର ମତାମତ ବାଂଟିଥିଲେ । ଜୟଶଙ୍କର ମଧ୍ୟ ସେଠାରେ ରହୁଥିବା ଭାରତୀୟ ଲୋକଙ୍କୁ ସମର୍ଥନ କରିବା ପାଇଁ ଏହି ଦେଶଗୁଡ଼ିକୁ ଧନ୍ୟବାଦ ଜଣାଇଥିଲେ । ଏହି ବୈଠକ ଏପରି ସମୟରେ ହୋଇଛି ଯେତେବେଳେ ଭାରତର ସୁରକ୍ଷା କ୍ୟାବିନେଟ କମିଟି ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛି । ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକା ଆକ୍ରମଣରୁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମାଧାନ ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା । ଦେଶର ଶସ୍ୟ, ଇନ୍ଧନ ଏବଂ ସାର ଯୋଗାଣକୁ ସୁରକ୍ଷିତ ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ମଧ୍ୟପ୍ରାଚ୍ୟରେ ରହୁଥିବା ପ୍ରାୟ ୧୦ ନିୟୁତ ଭାରତୀୟଙ୍କ ସୁରକ୍ଷା ବିଷୟରେ ମଧ୍ୟ ସରକାର ଚିନ୍ତିତ । ଏମାନଙ୍କ ମଧ୍ୟରୁ ପ୍ରାୟ ୮ ନିୟୁତ କେବଳ ସାଉଦି ଆରବ ଏବଂ ୟୁଏଇରେ ବାସ କରନ୍ତି ।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନେତୃତ୍ୱରେ ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ସାଂସଦଙ୍କ ପ୍ରତିନିଧି ଦଳ

ନୂଆଦିଲ୍ଲୀ/ଭୁବନେଶ୍ୱର : ଖଡ଼ଗପୁରରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ବଡ଼ ପଦକ୍ଷେପ । ଖଡ଼ଗପୁର ସ୍ଥିତ 'ରେଲୱେ ଏମ୍ପ୍ଲୋଇ କଲଚରାଲ ଆସୋସିଏସନ' (RECA)ର ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଆବଂଟନ ସମସ୍ୟାର ସମାଧାନ ପାଇଁ ଆଜି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦମାନଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଖଡ଼ଗପୁରର ନ୍ୟୁ ସେଟେଲମେଂଟ ଅଂଚଳରେ ଥିବା ପ୍ରାୟ ୫୯୧୫ ବର୍ଗ ମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲୋଇଜ୍ କଲଚରାଲ ଆସୋସିଏସନ' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗ ପ୍ରାୟ ତିନି ଦଶନ୍ଧିରୁ ଅଧିକ ପୁରୁଣା । ୧୯୯୯ ମସିହା ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପତ୍ର ଲେଖିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା



ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ୧୯୯୯ ମାର୍ଚ୍ଚ ୧୫ରେ ମଧ୍ୟ ଏହି ଜମି ଆବଂଟନ ପାଇଁ ସେ ସମୟରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ର ରେଳ ମନ୍ତ୍ରୀ ରାମ ନାଏକଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶାର ସାଂସଦମାନେ ଦାବୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୮୯ ମସିହାରୁ ଏହି ଆସୋସିଏସନ ଖଡ଼ଗପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ରେଳ ବିଭାଗର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଆସୋସିଏସନ ଦୀର୍ଘ ଦିନରୁ ଏହି ଜମି ବ୍ୟବହାର କରୁଛି ଏବଂ ସେଠାରେ ସ୍କୁଲ, ମନ୍ଦିର ଓ ଅନ୍ୟାନ୍ୟ ଜନହିତକର ଭିତିଭୂମି ରହିଛି । ଦକ୍ଷିଣ ପୂର୍ବ ରେଳବାଇର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ/କେଜିପି) ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ଏହି ଜମି ନିୟମିତକରଣ ପାଇଁ ସୁପାରିଶ କରିସାରିଛନ୍ତି । ତେବେ ଜମି ଆବଂଟନ ନହେବା ତଥା ଏଥିରେ ଅହେତୁକ ବିଳମ୍ବ କାରଣରୁ ସଂଘର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ ଏହାକୁ ଏକ 'ସ୍ୱତନ୍ତ୍ର ମାମଲା' ଭାବେ ବିଚାର କରି ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ସୁବିଧା ପାଇଁ ଏହି ଜମିକୁ ତୁରନ୍ତ ଆବଂଟନ କରିବାକୁ ଓଡ଼ିଶାର ସାଂସଦମାନେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ।

## ମିଶନ ଶକ୍ତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଠାରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତିର ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୁ ସୁଧ ରିହାତି ସମେତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି, ଯାହାର



ଲକ୍ଷ୍ୟ ହେଉଛି ସେମାନଙ୍କର ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଏବଂ ମହିଳା ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା । ଏହି ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିକାଶ ଯାତ୍ରାରେ ମହିଳାମାନେ ଆଗଧାଡ଼ିରେ ଅଛନ୍ତି । ଆଗରୁ ମହିଳାମାନଙ୍କର ବିକାଶ କିପରି କରାଯିବ ଚିନ୍ତା କରାଯାଉଥିବା ବେଳେ ଏବେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ମହିଳାମାନେ କର୍ଣ୍ଣଧାର ସାଜିଛନ୍ତି । ସ୍ୱୟଂ-ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆର୍ଥିକ ରୂପେ ଦୃତ ଅଭିବୃଦ୍ଧି କରିବା ସହିତ ସଶକ୍ତ ଓ ସ୍ୱାବଲମ୍ବୀ ହେବାଦ୍ୱାରା ଆଗାମୀ ଦିନର ପରିକଳ୍ପିତ ବିକଶିତ ଓଡ଼ିଶାର ମୂଳଦୁଆ ସୁଦୃଢ ହେଉଅଛି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ପ୍ରତ୍ୟେକ ମହିଳା ଯେପରି ନିଜ ପରିବାର ସମସ୍ତ ଦାୟିତ୍ୱ ନେଉଛନ୍ତି, ସେହିପରି ସରକାରଙ୍କ ଯୋଜନା ମାଧ୍ୟମରେ ମିଳୁଥିବା ଆର୍ଥିକ ସମ୍ବଳର ସୁବିନିଯୋଗ ତଥା ବ୍ୟାପାର ଲାଭାର୍ଥର ପୁନଃ ବିନିଯୋଗ କରିବା ଆବଶ୍ୟକ । ସଶକ୍ତ ହେବାପାଇଁ ନିଜକୁ ଆର୍ଥିକ ରୂପେ ସାକ୍ଷର କରି ଆଜିକାଲିର ବିଭିନ୍ନ ପ୍ରକାର ସାଇବର ଠକେଇ ପ୍ରତି ଅତ୍ୟନ୍ତ ସତର୍କ ରହିବାକୁ ସେ ସ୍ୱୟଂ-ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପରାମର୍ଶ ଦେଇଛନ୍ତି । ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଆଭାସୀ ମାଧ୍ୟମରେ କୋରାପୁଟ, ବାଲେଶ୍ୱର, କଳାହାଣ୍ଡି, ଗଞ୍ଜାମ ଏବଂ କେନ୍ଦୁଝର ଭଳି ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହ କାର୍ଯ୍ୟକର୍ମରେ ଉପସ୍ଥିତ ଥିବା ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ତଥା ତୃଣମୂଳ ସ୍ତରରେ ଯୋଜନାର କାର୍ଯ୍ୟ କର୍ତ୍ତା ମାନଙ୍କ ସହ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଏବଂ ଗୋଷ୍ଠୀଗୁଡ଼ିକ ନିକଟରେ ସୁଧ ରିହାତି ସୁବିଧା ସଫଳତାର ସହ ପହଂଚିଛି କି ନାହିଁ, ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ରାଜ୍ୟର ୨,୬୭,୧୩୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କର ବ୍ୟାଙ୍କ ଋଣ ଉପରେ ୨୦୮.୩୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରାଯାଇଛି ।

## ଧର୍ମ ପରିବର୍ତ୍ତନ କଲେ ମିଳିବ ନାହିଁ ଏସସି ମାନ୍ୟତା : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଧର୍ମ ପରିବର୍ତ୍ତନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଜାରି କରିଛନ୍ତି । ସୁପ୍ରିମକୋର୍ଟ ଆନ୍ଧ୍ର ପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବଜାୟ ରଖିଛନ୍ତି, ଯେଉଁଥିରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ପାଳନ କରୁଥିବା ବ୍ୟକ୍ତି ଅନୁସୂଚିତ ଜାତିର ସଦସ୍ୟ ହୋଇପାରିବେ ନାହିଁ । ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ସୁପ୍ରିମକୋର୍ଟ ଆଜି କହିଛନ୍ତି ଯେ ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ପାଳନ କରୁଥିବା ବ୍ୟକ୍ତି ଅନୁସୂଚିତ ଜାତିର ସଦସ୍ୟ ହୋଇପାରିବେ ନାହିଁ । କୋର୍ଟ ରାୟ ଦେଇଛନ୍ତି ଯେ ମୁସଲିମ ଏବଂ ହିନ୍ଦୁ ଧର୍ମ ଗ୍ରହଣ କରୁଥିବା



ବ୍ୟକ୍ତି ଅନୁସୂଚିତ ଜାତିର ସଦସ୍ୟ ଭାବରେ ବିବେଚିତ ହେବେ ନାହିଁ ଏବଂ SC/ST ଆଇନ ଦାବି କରିପାରିବେ ନାହିଁ । ସୁପ୍ରିମକୋର୍ଟ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ଆଦେଶକୁ ବଜାୟ ରଖିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଜଣେ ବ୍ୟକ୍ତି ସକ୍ରିୟ ଭାବରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତି ଅନୁସୂଚିତ ଜାତିର ସଦସ୍ୟ ରହିପାରିବେ ନାହିଁ । କୋର୍ଟ କହିଛନ୍ତି ଯେ ଆବେଦନକାରୀ ଏକ ଦଶନ୍ଧି ଧରି ଖ୍ରୀଷ୍ଟ ଧର୍ମ ପାଳନ କରିଥିଲେ ଏବଂ ରବିବାର ଦିନ ପାଦ୍ରୀ ଭାବରେ ପ୍ରାର୍ଥନା ମଧ୍ୟ କରିଥିଲେ । ଭାରତୀୟ ସମ୍ବିଧାନର ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତିକୁ ପରିଭାଷିତ କରାଯାଇଛି । ଏହା ଅନୁଯାୟୀ, ହିନ୍ଦୁ ଧର୍ମ, ଶିଖ ଧର୍ମ ଏବଂ ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମର ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ବର୍ଗର ସଦସ୍ୟ ଭାବରେ ବିବେଚନା କରାଯାଇପାରିବ ନାହିଁ । ୧୯୫୦ ମସିହାର ରାଷ୍ଟ୍ରପତିଙ୍କ ଆଦେଶରେ ଏହା ମଧ୍ୟ ଉଲ୍ଲେଖ ଥିଲା ଯେ କେବଳ ହିନ୍ଦୁ, ଶିଖ ଏବଂ ବୌଦ୍ଧ ଧର୍ମର ଦଳିତମାନଙ୍କୁ ଅନୁସୂଚିତ ଜାତି ତାଲିକାର ସଦସ୍ୟ ଭାବରେ ବିବେଚନା କରାଯାଇପାରିବ ।

# ବାଲେଶ୍ୱରରେ ଶ୍ରୀରାମନବମୀ ଉତ୍ସବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି

## ୨୬ରେ ବାଇକ୍ ରାଲି





ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଓ ଶ୍ରୀରାମଚେତନା ସଂଗଠନ ପକ୍ଷରୁ ଶ୍ରୀରାମନବମୀ ଉତ୍ସବ ପାଳନ ପାଇଁ ଏବେଠାରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି । ପରମିଟ୍ ପଡ଼ିଆ ଓ ସହରର ବିଭିନ୍ନ ଛକରେ ଗେରୁଆ ପତାକା ଛାଇଗଲାଣି । ପ୍ରଥମଥର ପାଇଁ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ସୂର୍ଯ୍ୟ ଅବତାରରେ ଏକ ବିଶାଳକାୟ ରଥ ଏହି ଶୋଭାଯାତ୍ରାରେ ସାମିଲ ହେବ । ପ୍ରକାଶଯେ, ଆସନ୍ତା ୨୬ ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାଇକ୍ ରାଲିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ବାଇକ୍ ରାଲି ପରମିଟ୍ ପଡ଼ିଆରୁ ୩ଟାରେ ବାହାରି ସିନେମାଛକ, ଟାଉନହଲ ଛକ, ମିର୍ଜାପୋଖରୀ, ମାଣିଖମ୍ବ, ବାରବାଟୀ, ଛୁଆଳିଆମହାଦେବ ମନ୍ଦିର, ଦାମୋଦରପୁର, ବଡ଼ପୋଲଛକ, ଗଳାପୋଖରୀ, ଦରଘାମଇଦାନ, ପୁଲବଜାର, ପରମିଟ୍ ଘାଟ, ପୁରୁଣାବାଲେଶ୍ୱର, ଭାୟା- ଉଡ଼ାପଦା, କଂଚନୀବାଗ, ଗବଗାଁ, ପାତ୍ରପଡ଼ା, ଭୁଜାଖିଆପୀର, ସୁନହଟ, ବଙ୍କାଖଜୁର ଛକ, ହେମକାପଦା, ମାଲକପୁର, ମଠସାହି, ସେଂଟ୍ରାଲସ୍କୁଲ, ଅାଇର୍ଟିଆଇଛକ, ପୋର୍ଲିସଲାଇନଛକ, ଖିମଜିଛକ, ଭାସ୍କରଗଂଜଛକ, ମାଲେଗୋଦାମ, ଆନବଜାର, ଅର୍ଡ଼ରବଜାର, ହରିପୁରଛକ, ଗଳାପୋଲ, ଦର୍ଜିପୋଖରୀ ଛକ, ରାଣୀପାଟଣା ଛକ, ଝାଡ଼େଶ୍ୱରମନ୍ଦିର, କଚେରୀଛକ, ଚିଡ଼ିଆପୋଲ ଏବଂ ପରମିଟ୍ ପଡ଼ିଆ ଏଯାବତ୍ ମୋଟ ଟାଉନଥାନା ଅଧିନରେ ୧୫କିଲୋମିଟର ଏରିଆରେ ଶୋଭାଯାତ୍ରା ବାହାରିବ । ସେହିପରି ଆସନ୍ତା ୨୭ ତାରିଖ ଅପରାହ୍ନ ୨ଟା ୩୦ ବେଳେ ପରମିଟ୍ ପଡ଼ିଆରୁ ପଦଯାତ୍ରା ଏବଂ ଶୋଭାଯାତ୍ରା ବାହାରିବ । ଏହା ଶେଷହେବ ରାତ୍ର ୯ଟା ସମୟରେ । ଏହି ଶୋଭାଯାତ୍ରା ପ୍ରଥମେ ପରମିଟ୍ ପଡ଼ିଆରୁ ବାହାରି ପାଣିଟାଙ୍କି, ଜିଲ୍ଲାସ୍କୁଲ, ଏଡ଼ିଏମଛକ, ଷ୍ଟେସନଛକ, ଫକୀରମୋହନ ଗୋଲେଇ, ଫାଣ୍ଡିଛକ, କଚେରୀଛକ, ମିଶନଫିଲ୍ଡ, ଚିଡ଼ିଆପୋଲ, ଗୋପାଳଗାଁ, ଟାଉନହଲ, ସୁଏଲପୁର, ମଣ୍ଡଳବଜାର, ଲାଲାବଜାରଛକ, ଦାମୋଦରପୁର, ବଡ଼ପୋଲ, ଗଳାପୋଖରୀଛକ, ଟାଉନଥାନା, ସିନେମାଛକ ହୋଇ ପରମିଟ୍ ପଡ଼ିଆ ଠାରେ ପହଂଚିବ । ତାହା ପୁଣି ଟାଉନଥାନା ଅଧିନରେ ୧୦କି.ମି. ରାସ୍ତାରେ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଛି । ପ୍ରକାଶଯେ, ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ଉତ୍ସବକୁ ବାଲେଶ୍ୱରରେ ଶାନ୍ତି ଶୃଙ୍ଖଳା ମଧ୍ୟରେ ପାଳନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବା ସଂଗେ ସଂଗେ ଏସପି ରାଜପ୍ରସାଦ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଟାଉନଥାନା ଅଧିକାରୀ ଓ ସହଦେବଖୁଂଟା ଥାନାଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏବେଠାରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଥିଲା ବେଳେ ଶ୍ରୀରାମ ଚେତନା ସଂଗଠନ ପକ୍ଷରୁ ଚିତରଂଜନ ପଣ୍ଡାଙ୍କ ନେତୃତ୍ୱରେ ପ୍ରସ୍ତୁତି ପାଇଁ ବ୍ୟାପକ ଆୟୋଜନ କରାଯାଉଥିବା ଜଣାପଡ଼ିଛି ।

### ପ୍ରଶାସନର ଦୃଷ୍ଟିଦାବି

ବାଲେଶ୍ୱର ସହରରେ ରାମନବମୀ ଉତ୍ସବ ପାଳନ ପାଇଁ ମ୍ୟୁନିସିପାଲିଟିର ୩୧ଟି ୱାର୍ଡ଼ରେ ଯେଉଁ ବ୍ୟକ୍ତିମାନେ ନିଜର ଚାରିଚକିଆ ଯାନବାହାନ ଘର ସମ୍ମୁଖରେ ଓ ରାସ୍ତା ସମ୍ମୁଖରେ ଅବରୋଧ କରି ରଖିଛନ୍ତି ସେମାନେ ରାମନବମୀ ଉତ୍ସବ ବାଇକ୍ ରାଲି ଓ ପଥପ୍ରାନ୍ତ ଶୋଭାଯାତ୍ରା ପରିପ୍ରେକ୍ଷୀରେ ସେଗୁଡ଼ିକ ଉଠାଇନେବା ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଦାବି କରାଯାଉଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୭ ପ୍ଲାଟୁନ ପୋଲିସ ଫୋର୍ସ, ଏକ କମ୍ପାନୀ ସିଆରପିଏଫ, ଏକ କମ୍ପାନି ବିଏସଏଫ, ଡ୍ରୋନ କ୍ୟାମେରା, ସିସିଟିଭି, ବ୍ୟାପକ ପେଟ୍ରୋଲିଂ, ନାକାବନ୍ଦୀ, ଯାଂଚ ଏବଂ ଯେଉଁ ଦୁର୍ବୃତ୍ତ ସୋସିଆଲ ମିଡ଼ିଆରେ ଅଖିବା ପ୍ରଚାର କରିବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି ।

# ଚୈତ୍ର ଚଣ୍ଡୀଙ୍କ ବାର୍ଷିକ ପୂଜା ଆରମ୍ଭ: ମହାସପ୍ତମୀ ଆଜି

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲା ସମେତ ସହରରେ ଚୈତ୍ର ଚଣ୍ଡୀଙ୍କ ବାର୍ଷିକ ପୂଜା ଆରମ୍ଭ ହୋଇଛି । ବାଲେଶ୍ୱର ନ୍ୟୁମାର୍କେଟ କଂପ୍ଲେକ୍ସ ପରିସରରେ ବାସନ୍ତୀ ପୂଜାର ଷଷ୍ଠୀ ପୂଜା ଶେଷ ହୋଇଥିବା ବେଳେ ରାତି ପାହିଲେ ମହାସପ୍ତମୀ । ରାଜେନ୍ଦ୍ର ଚାଟାର୍ଜୀ, ଅଜୟ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ


ଆୟୋଜିତ ପୂଜା କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି ।

# ସିପିଆଇ ପକ୍ଷରୁ ସହିଦ୍ ଭଗତ୍ ସିଂହଙ୍କ ବଳିଦାନ ଦିବସରେ ସାମ୍ରାଜ୍ୟବାଦ ବିରୋଧି ସଭା ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.): ସହିଦ୍ ଭଗତସିଂଙ୍କ ବଳିଦାନ ଦିବସ ଅବସରରେ ମାର୍ଚ୍ଚ ୨୩ ସୋମବାର ଦିନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ) ପକ୍ଷରୁ ଦେଶବ୍ୟାପୀ ସାମ୍ରାଜ୍ୟବାଦ ବିରୋଧିଦିବସ ପାଳନ ପାଇଁ ଆହ୍ୱାନରେ ବାଲେଶ୍ୱର ସହରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏ ସଭାରେ ଅଧକ୍ଷତା କରିଥିଲେ । ସିପିଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ କହିଥିଲେ ଯେ ସହିଦ୍ ଭଗତ ସିଂ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦୀ ଶୋଷଣ, କଷଣ ଓ ଅତ୍ୟାଚାର ବିରୁଦ୍ଧରେ ଏବଂ ଦେଶମାତୃକାର ମୁକ୍ତିପାଇଁ ସାଲିସହୀନ ସଂଘର୍ଷରେ ଗତ ୧୯୩୧ ମସିହାରେ ଆଜିର ଦିନରେ ସହୀଦ ହୋଇଥିଲେ । ତାଙ୍କ ସହ ତାଙ୍କର ସାଥୀ ଶୁକଦେବ ଓ ରାଜଗୁରୁଙ୍କୁ ମଧ ବ୍ରିଟିଶ ସରକାର ଫାଶି ଦେଇଥିଲା । ବ▯ମାନ ଆମେରିକା ଓ ଇସ୍ରାଏଲ୍ ସମଗ୍ର ବିଶ୍ୱ ଦଖଲ ପାଇଁ ଇରାନ ଉପରେ ଓ ଅନ୍ୟ ଦେଶମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି । ବିଶ୍ୱର ସମସ୍ତ ଦେଶ ଏହି ସାମ୍ରାଜ୍ୟବାଦୀ ଆକ୍ରମଣକୁ ବିରୋଧ କରୁଛନ୍ତି । ଯଦି ୩ୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ




ତେବେ ସମସ୍ତ ମାନବ ସମାଜ ଧ୍ୱଂସ ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ' ଆଜି ବିଶ୍ୱବାସୀଙ୍କର ଆହ୍ୱାନକୁ ଭାରତ ବର୍ଷର ଶାନ୍ତିକାମୀ ମଣିଷମାନେ ଐକ୍ୟବଦ୍ଧ ହେବାକୁ ଶ୍ରୀ ପ୍ରତିହାରୀ ଆହ୍ୱାନ ଦେଇଥିଲେ । ଯୁଦ୍ଧ ଯେଉଁଠି ହେଲେବି ଭାରତ ଉପରେ ଏହାର ପ୍ରଭାବ ଅନୁଭୂତ ହେବ । ସଭାକାର୍ଯ୍ୟ ଆରମ୍ଭରେ ସୁଜାତା ପାତ୍ର ବୈପ୍ଳବିକ ସଂଗୀତ ଗାନ କରିଥିଲେ । ଏହି ସଭାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସର୍ବଶ୍ରୀ ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ଦଳାଇ, ଆଶୁତୋଷ ପରିଡ଼ା, ପୁନଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ସରଳ ହେବ କେବେ ?



ବାଲେଶ୍ୱର,(ନି.ପ୍ର.) ଧାନ ଚାଷ ହେବା ପରେ ଏବେ ଚାଷୀମାନେ ମଣ୍ଡିକୁ ନେଇ ସେମାନଙ୍କ ଧାନ ସିଧାସଳଖ ସରକାରଙ୍କୁ ବିକ୍ରୀ କରିବେ । ଗତବର୍ଷ ଧାନରେ ବିଭ୍ରାଟ ଦେଖା ଦେବା ପରେ ଚଳିତ ବର୍ଷ ଗତ ବର୍ଷ ଠାରୁ ଅଧିକ ବିଭ୍ରାଟ ଦେଖିବାକୁ ମିଳିଛି । ପ୍ରଥମେ ମିଲର ଓ ସମବାୟ ସମିତିମଧ୍ୟରେ ହୋଇଥିବା ବିବାଦ ଯୋଗୁଁ ଧାନ କିଣିବା ପ୍ରକ୍ରିୟା ବିଳମ୍ବ ହୋଇଥିଲା । କିଛିମାତ୍ରାରେ ସମସ୍ୟାର ସମାଧାନ ପରେ ଧାନ କିଣା ହେଲା ସତ କିନ୍ତୁ ତାହା ବହୁ ଅବ୍ୟବସ୍ଥା ମଧ୍ୟରେ । ଏପରିକି ଗୋଟିଏ ଗୋଟିଏ ମଣ୍ଡିରେ ଧାନ କିଣା ସମୟ ହେବାକୁ ଟୋକନ ଲାପସ କରିଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଚାଷୀମାନେ ପୂର୍ବରୁ ପଞ୍ଜିକରଣ କରିସାରିଥିବା ବେଳେ ଧାନ ମଧ୍ୟ ଅମଳ କରିସାରିଛନ୍ତି । ହେଲେ ମଣ୍ଡିରେ ଧାନ କିଣା ନହେବା ଫଳରେ ଚାଷୀମାନେ ଧାନ ବିକ୍ରୀ କରିବାରୁ ବଂଚିତ ହୋଇଛନ୍ତି । ଅନ୍ୟପଟେ ବିଭିନ୍ନ ସମୟରେ ମଣ୍ଡିମାନଙ୍କରେ ଧାନ କିଣା ହୋଇନପାରିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବାଧ୍ୟ ହୋଇ ଚାଷୀମାନେ ରାସ୍ତାକୁ ଓହ୍ଲାଇବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ହେଲେ ଏବେ ଜିଲ୍ଲାରେ ଧାନ କିଣା ପଛୁଆ ରହିଥିବା ବେଳେ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା୪୨ହଜାରରୁ ଅଧିକ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇପାରି ନାହାନ୍ତି । ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ୧୬ଲକ୍ଷ ୮୩ହଜାର କୁଇନଟାଲ ଧାନର ଟାର୍ଗେଟ ରହିଛି । ଏହି ଧାନ ସବୁ ଜିଲ୍ଲାରେ ଥିବା୧୭୬ଟି ମଣ୍ଡିରୁ କିଣାଯିବ । ଚଳିତ ବର୍ଷ ମଣ୍ଡିରେ ଧାନ ଦେବା ପାଇଁ୧ଲକ୍ଷ୨୫ହଜାର ୭୫୬ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ସେଥିମଧ୍ୟରେ ମାର୍ଚ୍ଚମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲ୍ଲାରେ ୮୩ହଜାର ୨୮୯ଜଣ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇଛନ୍ତି । ବାକି ୪୨ହଜାର ୪୬୭ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ସେମାନଙ୍କ ଧାନ ଦେଇପାରି ନାହାନ୍ତି । ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଚରମ ଅବହେଳାକୁ ପ୍ରଦର୍ଶନ କରୁଛି । ଅନ୍ୟପଟେ ଦେଖିବାକୁ ଗଲେ ଜିଲ୍ଲାରେ ଚଳିତ ବର୍ଷ ୨୫ଟି ମିଲର ଧାନ କିଣିବା କଥା । ହେଲେ ପ୍ରଥମ ପର୍ଯ୍ୟାୟରେ ସେଥିମଧ୍ୟରୁ ମାତ୍ର ୮ଟି ମିଲରଙ୍କ ସମବାୟ ସମିତିଙ୍କ ସହ ବୁଝାମଣା ସ୍ୱାକ୍ଷର ହୋଇଥିଲା । ପର ମୁହୂର୍ତ୍ତରେ ପାଖାପଖି ସମସ୍ତ ମିଲରମାନଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାଯାଇଛି । ଜିଲ୍ଲାରେ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ଧାନ କିଣା । ସମସ୍ତ ମିଲରମାନଙ୍କ ସହ ଚୁକ୍ତି ହେବା ପରେ ମଧ୍ୟ ମଣ୍ଡିମାନଙ୍କରେ ଧାନ କିଣାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି । ଏପରିକି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କୁ ଡବଲ ଧୋକା ଦେଉଥିବା ବେଳେ କୁଇନଟାଲ ପିଛା ୮ରୁ୧୨କେଜି ଧାନ କାଟୁଛି । ଏହାଛଡା ଚଳିତ ବର୍ଷ ମିଲର ଏବଂ ସମବାୟ ସମିତି ମଧ୍ୟରେ ବିବାଦ ସୃଷ୍ଟି ହେବା କାରଣରୁ ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ମଣ୍ଡିରେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସରିନଥିବା ବେଳେ ଅଧିକାଂଶ ଚାଷୀଙ୍କୀ ଟୋକନ ଲାପ୍ସ ହୋଇଯାଇଥିବା ବେଳେ ଆଉ କିଛି ଚାଷୀଙ୍କର ଟୋକନ ମଧ୍ୟ ଲାପ୍ସ ହେବାକୁ ବସିଲାଣି । ଏତଦବ୍ୟତିତ ବିଭିନ୍ନ ସମବାୟ ସମିତିରେ ଟୋକନ ପାଇଥିବା ଚାଷୀମାନଙ୍କର ଧାନ ବିଳମ୍ବରେ ନିଆଯାଉଛି । ବେଆଇନ ଭାବେ ମିଲରମାନେ ଚଷୀଙ୍କ ଧାନକୁ କୁଇନଟାଲ ପିଛା ୮ରୁ୧୨କେଜି କାଟୁଥିବା ବେଳେ ଚାଷୀମାନଙ୍କୁ ଅଖା ପଇସା ଓ ପରିବହନ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଉ ନାହିଁ । ଅନ୍ୟପଟେ ସରକାର ବଦଳିବା ପରେ ଚାଷୀମାନଙ୍କ ପ୍ରତି ଶୋଷଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଆରଏମସଏ ବିଭାଗକୁ ମିଲରମାନେ କବଜା କରି ରଖିବା ବାଲେଶ୍ୱରରେ ଏଫଏକ୍ୟୁମାନର ଧାନ ନାହିଁ ବୋଲି ପ୍ରଚାର ମଧ୍ୟ କରୁଛନ୍ତି । ଏହି ସବୁକୁ ଦୃଷ୍ଟିରେ ରଖି ବହୁ କଷ୍ଟ ପରିଶ୍ରମ କରି ଧାନ ଚାଷ କରିଥିବା ଚାଷୀମାନଙ୍କର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି ।

# ବାଲେଶ୍ୱର ଆରଏମଏସ୍‌ରେ ମୂଲ୍ୟବାନ ଡାକସାମଗ୍ରୀ ଏଣେତେଣେ ପଡ଼ିଛି



ବାଲେଶ୍ୱର(ନି.ପ୍ର.) ୧୭୧ ବର୍ଷର ଗୌରବମୟ ଐତିହ୍ୟ ମଧରେ ସମଗ୍ର ଦେଶର ୧.୫ ଲକ୍ଷରୁ ଅଧିକ ଡାକଘର ସହିତ ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବାଧିକ ବିସ୍ତୃତ ଡାକ ବ୍ୟବସ୍ଥା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରୀୟ ଯୋଗାଯୋଗ ବିଭାଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ଡାକ ବିଭାଗକୁ ଅଧିକ କ୍ରିୟାଶୀଳ ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱରରେ ଆରଏମଏସ୍ କାର୍ଯ୍ୟାଳୟ ସମସ୍ୟା ଘେରରେ ପଡ଼ିଥିବା ଜଣାପଡିଛି । ବାଲେଶ୍ୱର ରେଳ ଷ୍ଟେସନରେ ପରିଚାଳିତ ଆରଏମଏସ୍ କାଯ୍ୟାଳୟ ପ୍ରାୟ ୧୨୮ ବର୍ଷର ପୁରୁଣା । ଏ ଯାବତ ରେଳଷ୍ଟେସନ୍ ?ର ୨ନଂ ପ୍ଲାଟଫର୍ମ ସ୍ଥିତ ପୁରୁଣା ଭବନରେ ପ୍ରାୟ ୨୮୦ ବର୍ଗ ମିଟର ଅର୍ଥାତ ପ୍ରାୟ ୩ହଜାର ବର୍ଗ ଫୁଟ୍ ସ୍ଥାନରେ ଏହା କାର୍ଯ୍ୟ କରୁଥିଲା । ମାତ୍ର ଅମୃତ ଭାରତ ଷ୍ଟେସନ ଯୋଜନାରେ ପୁନଃର୍ବିକଶିତ ହେଉଥିବା ବାଲେଶ୍ୱର ରେଳ ଷ୍ଟେସନର ନବ ନିର୍ମିତ ଭବନରେ କେବଳ ୧୮୫ ବର୍ଗ ମିଟର ଅର୍ଥାତ ପ୍ରାୟ ୨ହଜାର ବର୍ଗ ଫୁଟ୍ ସ୍ଥାନ ଆରଏମଏସ୍ କାର୍ଯ୍ୟାଳୟ ପାଇଁ ବ୍ୟବସ୍ଥା କରାଯାଇଛି । ଦିନକୁ ଦିନ କାର୍ଯ୍ୟଭାରରେ ଚାପଗ୍ରସ୍ତ ଆରଏମଏସ ପାଇଁ ଅଧିକ ସ୍ଥାନର ଆବଶ୍ୟକତା ନେଇ ଦୀର୍ଘ ଦିନରୁ ରେଳ କର୍ତ୍ତୃପକ୍ଷଙ୍କୁ ଅଗବତ କରାଯାଇଥିବା ସତ୍ୱେ ୧୨୮ ବର୍ଷ ପୂର୍ବରୁ ଯେତିକି ସ୍ଥାନ ଦିଆଯାଇଥିଲା, ନୂତନ ଭବନରେ ତାହା ଠାରୁ କମ୍ ସ୍ଥାନର ବ୍ୟବସ୍ଥା କରାଯାଇଛି । କାର୍ଯ୍ୟର ଚାପ ଅନୁଯାୟୀ ଅଧିକ ସ୍ଥାନ ଦେବା ପାଇଁ ରେଳ କର୍ତ୍ତୃପକ୍ଷ କୁଣ୍ଠାବୋଧ ପ୍ରକାଶ କରୁଥିବା ଜଣାପଡିଛି । ଅତ୍ୟନ୍ତ ପକ୍ଷେ ପୂର୍ବରୁ ଦିଆଯାଇଥିବା ୩ହଜାର ବର୍ଗ ଫୁଟ୍ ମାପ ଅନୁସାରେ ନୂତନ ସ୍ଥାନ ଦେବା ନେଇ ବାରମ୍ବାର ଅନୁରୋଧକୁ ଅଗ୍ରାହ୍ୟ କରାଯାଉଛି । ବୃଦ୍ଧିଶୀଳ କାର୍ଯ୍ୟ ସମ୍ପାଦନ ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ୍ ଆବଶ୍ୟକ ହେଉଥିବା ସତ୍ୱେ ରେଳ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଚାଲିଛନ୍ତି । ନୂତନ ଭବନରେ କାର୍ଯ୍ୟାଳୟ ପାଇଁ ଆବଂଟିତ ୨ହଜାର ବର୍ଗ ଫୁଟ୍ ସ୍ଥାନ ଆରଏସଏସର ଦୈନିନ୍ଦିନ କାର୍ଯ୍ୟଧାରାରେ ଘୋର ସମସ୍ୟା ସୃଷ୍ଟି କରିବ । ନୂତନ କାର୍ଯ୍ୟାଳୟରେ ଅବ୍ୟବସ୍ଥିତ ବିଶ୍ରାମ କକ୍ଷରେ ଦୁଇଟି ସିଙ୍ଗଲ୍ ବେଡ୍ ରଖିବା ପାଇଁ ସ୍ଥାନ ନଥିବା ବେଳେ ପ୍ରାକୃତିକ ବାୟୁ ଚଳାଚଳ ପାଇଁ ଝରକ ନଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେବେ । ଡାକ ସେବା ପାଇଁ ଉଦ୍ଦିଷ୍ଟ ଏମ୍ ?ପିସିଏମ୍ କାଉଂଟରକୁ ଅତ୍ୟନ୍ତ ସଂକୁଚିତ ଓ ଅସୁବିଧାଜନକ ସ୍ଥିତିରେ ନିର୍ମାଣ କରାଯାଇଛି, ଯେଉଁଥିଲେ କାର୍ଯ୍ୟ ସମ୍ପାଦନରେ ଜଣେମାତ୍ର କର୍ମଚାରୀଙ୍କ ପାଇଁ ବି ନାନାଦି ସମସ୍ୟା ସୃଷ୍ଟି ହେବ । ସେହିପରି ଆରଏମଏସ କାର୍ଯ୍ୟାଳୟରୁ ଡାକ ପରିବହନ ପାଇଁ ପ୍ଲାଟଫର୍ମ ସହିତ ସୁବିଧାଜନକ ରାସ୍ତା ନିର୍ମାଣ ହୋଇନଥିବାରୁ ସର୍ବଦା ଡାକ ଚଳାଚଳରେ ବିଳମ୍ବ ହେବା ସମ୍ଭାବନା ରହିଛି । ଡାକସେବା କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା କମ୍ପ୍ୟୁଟର ପାଇଁ ଆବଶ୍ୟକୀୟ ସ୍ୱିଚ୍ ବୋର୍ଡ୍ ଲଗାଯାଇନାହିଁ କି ୟୁପିଏସ ପାଇଁ ପୃଥକ ୱାୟାରିଂ ବ୍ୟବସ୍ଥା ନାହିଁ । ନିକଟ ଅତୀତରେ ବାଲେଶ୍ୱର ଆରଏମଏସ୍ ସହ ଭଦ୍ରକ ଆରଏମଏସ ମିଶ୍ରଣ ଯୋଗୁଁ ଅନୁନ୍ୟ ଅଧିକ ହଜାରେ ବର୍ଗ ଫୁଟ୍ ସ୍ଥାନ ଆବଶ୍ୟକ ହେଉଛି । କାର୍ଯ୍ୟାଳୟର ପୁରୁଷ ଓ ମହିଳା କର୍ମଚାରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା ନଥିବା ଆରଏମଏସ ପ୍ରତି ରେଳ ବିଭାଗ କର୍ତପକ୍ଷଙ୍କ ଚରମ ଅବହେଳାକୁ ସ୍ୱଷ୍ଟ ପ୍ରମାଣିତ କରିଛି । କେନ୍ଦ୍ର ସରକାର ଡାକ ବିଭାଗକୁ ଆଧୁନିକ ଓ ସୁଦୃଢ଼ କରିବା ଦିଗରେ ପ୍ରତିବଦ୍ଧତା ପ୍ରଦର୍ଶନ କରୁଥିବା ବେଳେ ରେଳ କର୍ତ୍ତୃପକ୍ଷଙ୍କ ଏହିଭଳି ଅବହେଳା ଅତ୍ୟନ୍ତ ଦୁଃଖଦାୟକ । ବାଲେଶ୍ୱର ଆରଏମଏସ୍ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ସଂଶୋଧନ ସହିତ ନୂତନ ଭବନରେ ଅନୁନ୍ୟ ୪ହଜାର ବର୍ଗ ଫୁଟ୍ ସ୍ଥାନ ସହିତ ଭବିଷ୍ୟତର ଆବଶ୍ୟକତା ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ୍ ସ୍ଥାନର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଲାଗି ଆରଏମଏସର କର୍ମ କର୍ତା ମାନେ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖଙ୍କ ସମେତ ସେମାନଙ୍କ ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଛି ବୋଲି ସେମାନେ କହିଛନ୍ତି । ସମ୍ପ୍ରତି ରେଳ ବିଭାଗର ଉଦାସୀନତା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାକୁ ଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ରେଳ ଡାକ ସେବାର ସୁପରିଚାଳନା ବ୍ୟାହତ ହେବା ସହିତ ସାଧାରଣ ଲୋକଙ୍କ ପାଇଁ ଡାକ ସେବା ପ୍ରଭାବିତ ହେବା ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ! ଏତଦ୍ ବ୍ୟତୀତ ଆରଏମ୍ଏସର ସମସ୍ତ କର୍ମକର୍ତା ସଙ୍ଗବଦ୍ଧ ଭାବରେ ଦଳମତ ନିର୍ବିଶେଷରେ ଅତି ନିକଟରେ ରେଳବାଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଜନସାଧାରଣଙ୍କ ସହିତ ଏକତ୍ରୀତ ହୋଇ ଏକ ବୃହତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଗ୍ରାହକଙ୍କ ସଂଚିତ ଅର୍ଥ ଫେରିପାଇବେ କେବେ ?

ବାଲେଶ୍ୱର(ନି.ପ୍ର.) ବିଶେଷ କରି ଏହି ପୋଷ୍ଟ ଅଫିସରେ ଝାଡିପିପଳ,ବାଇଗଣବାଡିଆ,ଘଂଟିଆଡି, ଉଲୁଡା,ଛଟକାନପୁର, କାଳୀକାପୁର,ପାଳସାହି,କଂଟାପାଳ ଆଦି ବିଭିନ୍ନ ଗ୍ରାମର ଲୋକମାନେ ଏହି ପୋଷ୍ଟ ଅଫିସ ଉପରେ ନିର୍ଭର କରନ୍ତି । ଏବଂ ଏହାର ଦାୟିତ୍ୱରେ ରହିଛନ୍ତି ବିପିଏମ ପ୍ରମିତ ରଞ୍ଜନ ଘଡାଇ । ଦୀର୍ଘ ଦିନ ହେବ ସେ ସେଠାରେ କାର୍ଯ୍ୟରତ ରହିଛନ୍ତି । ସେଇ ପୋଷ୍ଟ ଅଫିସରେ ପ୍ରାୟ୧୪ଶହ ଜଣ ହିତାଧିକାରୀଙ୍କର ଖାତା ରହିଛି । ସେଇ ପୋଷ୍ଟ ଅଫିସାରେ ଆରଡି,ଆରପିଏଲଆଇ,ସୁକନ୍ୟା ଯୋଜନା,ଫିକ୍ସ ଡିପୋଜିଟ,ମହିଳା ସମ୍ମାନ,ସଂଚୟ ଖାତା ଆଦି ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ସେମାନଙ୍କର ଟଙ୍କା ଜମା ରଖନ୍ତି । ହେଲେ ଏବେ ସେଇ ପୋଷ୍ଟ ଅଫିସରେ ବିପିଏମ ଚଂଚକତା କରି ପାଖାପାଖି୧୨୦ରୁ ଅଧିକ ଜମାକାରୀଙ୍କ ଜମା ଟଙ୍କା ଅର୍ଥାତ ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଧରି ଛୁ ମାରିଥିବା ନେଇ ଜମାକାରୀମାନେ ଅଭିଯୋଗ କରିଛନ୍ତି । ଏପରିକି ଜମାକାରୀମାନେ କିଏ ଦୁଇ ଲକ୍ଷ ରଖିଥିଲେ ତ ଆଉ କିଏ ୬ଲକ୍ଷ ତ ଆଉ କିଏ ଦେଢ଼ ଲକ୍ଷ ତ ଆଉ କିଏ ତିନି ଲକ୍ଷ ଟଙ୍କା ରଖିଥିଲେ । ହେଲେ ବିପିଏମ ପାଖାପଖି କିଛି ଦିନ ହେବ ଏହି ସବୁ ଟଙ୍କାକୁ ହଡପ କରି ସେଠାରୁ ପଳାଇଯାଇଥିବା ବେଳେ ଏବେ ତାଙ୍କର କୌଣସି ସନ୍ଧାନ ମିଳିପାରୁନାହିଁ ବୋଲି ଅଭିଯୋଗକାରୀମାନେ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗକାରୀ ସମ୍ପାରାଣୀ ଓଝା,ସୁମତି ମାସନ୍ତ,ମଞ୍ଜୁଳତା ପ୍ରଧାନ,ଅଭିଳାସ ପ୍ରଧାନ,ଉପେନ୍ଦ୍ର ନନ୍ଦୀଙ୍କ ସମେତ ଅନ୍ୟ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ,ସେମାନେ ଗରିବ ଏବଂ ଖଟିଖିଆ ଲୋକ । ଖଟି ଯାହା ସବୁ ଟଙ୍କା ସଂଚୟ କରିଥିଲେ ସେସବୁ ବାଇଗଣବାଡିଆ ପୋଷ୍ଟ ଅଫିସରେ ଡିପୋଜିଟ କରିଥିଲେ । ବିଶେଷ କରି ସେମାନେ ଫିକ୍ସ ଡିପୋଜିଟ ବହୁ ଅଧିକ ରଖିଥିଲେ । ବାଇଗଣବାଡିଆ ପୋଷ୍ଟ ମାଷ୍ଟର ସେମାନଙ୍କର ଟଙ୍କାକୁ ଫକ୍ସ ଡିପୋଜିଟ କରି କୌଣସି କାଗଜ ଦେଇନଥିବା ବେଳେ ଅଧିକାଂଶ ହିତାଧିକାରୀଙ୍କ ଟଙ୍କ ସଂଚୟ ଖାତାରେ ପକାଇ ଖାତା ଦେଇଥିଲେ । ବାକି କିଛି ହିତାଧିକାରୀଙ୍କୁ ସ୍ଲିପ ମଧ ଦେଇନଥିଲେ । ଏବଂ ନେଟୱାର୍କ ଡାଉନ ଅଛି କରି ଭୁଲାଇ ଆସୁଥିଲେ । ତେବେ ସେମାନେ ସବୁ ବିଶ୍ୱାସରେ ସେଠାରୁ ଫେରୁଥିଲେ । ଏପରିକି ସେମାନେ ସଂଚୟ ଖାତାରୁ କିଛି ଟଙ୍କା ଉଠାଇବା ପାଇଁ ପୋଷ୍ଟ ଅଫିସ ଯିବା ପରେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ଆକାଉଂଟରେ ଟଙ୍କା ନାହିଁ । ଏଥିରେ ସନ୍ଦେହ ହେବାରୁ ସେମାନେ ଜାଣିବାକୁ ପାଇଥିଲେ ଯେ ପୋଷ୍ଟ ମାଷ୍ଟର ବିଭିନ୍ନ ଜାଲ ଆକାଉଂଟ କରି ଟଙ୍କା ସେଥିରେ ଡିପୋଜିଟ କରି ଆତ୍ମସାତ କରିଛନ୍ତି । ଏପରିକି ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରିଛନ୍ତି ବୋଲି ଜାଣିବାକୁ ପାଇଥିଲେ । ଏହି ଘଟଣାରେ ଆଜି ସେମାନେ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରି ତାଙ୍କ ଟଙ୍କା ତୁରନ୍ତ ଫେରାଇବାକୁ ଦାବି କରିଥିଲେ ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା



କେନ୍ଦୁଝର(ନିପ୍ର): ସ୍ଥାନୀୟ ଏନ୍.ଏସ୍. ପୋଲିସ୍ ହାଇସ୍କୁଲ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗ ଦେଇ ବିଜ୍ଞାନକୁ ଆମର ବିକାଶ କ୍ଷେତ୍ରରେ କିପରି ବିନିଯୋଗ କରାଯାଇପାରିବ ସେଥିପାଇଁ ଉଦ୍ୟମ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ,ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ସଦର ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ,ଏନ୍.ଏସ୍.ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଳା ରାଉତ ଯୋଗ ଦେଇ ମଣିଷ ଜୀବନରେ ଉନ୍ନତି ଆଣିବାରେ ବିଜ୍ଞାନର ଯଥେଷ୍ଟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ଏହାର ସୁବିନିଯୋଗକୁ ଗୁରୁତ୍ୱାରୋପ କରିଥିଲେ ।ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବା ସହ ଗବେଷଣାରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ, ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଏନ୍. ଏସ୍.ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଳା ରାଉତ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ମନସ୍କ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ । ପିଏମ୍ ଝାଡେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘଡ଼େଇ ମଂଚ ସଂଚାଳନ କରିଥିଲେ ।ବିଚାରକ ଭାବେ ପି.ଏନ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ଼. କୁଳମଣି ପ୍ରଧାନ, ବ୍ରଜବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ, ହରିଚନ୍ଦନପୁର ରସାୟନ ବିଜ୍ଞାନ ଅଧାପକ ଟିକେଶ୍ୱର ବାରିକ, ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁର ଉଦ୍ଭିଦ ବିଜ୍ଞାନ ଅଧାପକ ସନତ କୁମାର ଦାସ, ପଦାର୍ଥ ବିଜ୍ଞାନ ଅଧାପକ ପ୍ରସନ୍ନ କୁମାର ପ୍ରଧାନ ୭୮ ଟି ବିଜ୍ଞାନ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ ।

# ଝାଡ଼ଖଣ୍ଡ ହାତୀଙ୍କ ଟେର୍ ପାଉନି ବନ ବିଭାଗ

ନୀଳଗିରି(ନିପ୍ର): ଗତ ଦୁଇଦିନଧରି ଦୁଇଟି ଝାଡଖଣ୍ଡି ହାତୀ ନୀଳଗିରି ଅଂଚଳକୁ ପଶିଆସିଥିବାରୁ ଅଂଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି । ହାତୀ କେଉଁଠି ରହୁଛି ବନବିଭାଗ ପାଖରେ ଖବର ନାହିଁ, ଏପଟେ ସହର ରେ ରାତି ୯ ଟାରୁ ସକାଳୁ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ସମସ୍ତ ହିତାଧିକାରୀଙ୍କୁ ବ୍ୟାଘାତ କରିଛି । ଦୀର୍ଘ ୧୫ବର୍ଷଧରି ଝାଡଖଣ୍ଡ ଦଲମା ଅଭୟାରଣ୍ୟରୁ ବିରାଟ ହାତୀପଲ ନୀଳଗିରି ଅଂଚଳକୁ ଆସୁଥିବା ବେଳେ ଚଳିତବର୍ଷ ଅଦିନରେ ଦୁଇଟିଦନ୍ତା ଗତ ରବିବାର ମୟୂରଭଞ୍ଜ ସୀମାନ୍ତ ପାରହୋଇ ପୁନ୍ଦାଳ, କଂଶ , କାଠଗୋଛି,ଧୋବଶିଳା ହୋଇ ନୀଳଗିରି ସହର ରାଡାର ପାଖରେ ପହଂଚି ଉପଦ୍ରବ କରୁଥିବା ଦେଖାଯାଇଥିଲା । ନୀଳଗିରି ବନବିଭାଗ ହାତୀଉପରେ ତୀକ୍ଷ୍ଣଦୃଷ୍ଟି ରଖିଥିବାବେଳେ ନିକଟବର୍ତୀ ଅଂଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିଥିଲେ ଏଥିସହ ବିଦ୍ୟୁତକାଟ କରାଯାଇଥିଲା । ତେବେ ରାତିରେ ହାତୀଦୁଇଟି ନୀଳଗିରି ଗୁଣ୍ଡିଚାମନ୍ଦିର ପାରହୋଇ ଗାଙ୍ଗପୁରା, ଝୁରେଇବଣୀ, ଦକ୍ଷିଣ ନରସିଂହପୁର ଗ୍ରାମରେ ପଶି ଉପଦ୍ରବ କରୁଥିବା ବେଳେ ସ୍ଥାନୀୟବାସିନ୍ଦା ହାତୀକୁ ଘଉଡାଉଥିବା ବେଳେ ଦନ୍ତାହାତୀ ଦୁଇଟି ଲୋକମାନଙ୍କୁ ପାଲଟା ଆକ୍ରମଣ କରୁଥିବା ଦେଖାଯାଇଛି । ଖବର ଲେଖାହେବା ବେଳକୁ ପ୍ରତାପଡ଼ା, ଜୟପୁର, ଜିରିତାଳ ହୋଇ ଖୁମକୁଟ ନିକଟରେ ଥିବା ଜଣାଯାଇଛି ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପେନ୍‌ସନର୍ସ ସଂଘ ଭୁବନେଶ୍ୱର ମଣ୍ଡଳର ସାଧାରଣ ସଭା

କଟକ(ନିପ୍ର): କଟକ ସ୍ଥିତ ସହିଦ ଭବନରେ ସଂଘର ସଭାପତି ଗଣେଶଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂହ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱର ମଣ୍ଡଳ ଉନ୍ନୟନ ଅଧିକାରୀ ଶାମଦେନ ଦୋରଜୀ ଲାମା, ସଂଘର ସାଧାରଣ ସମ୍ପାଦକ ଭାବରେ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଅମିତାଭ ଦାସ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ଓଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସଂଘର ସଭ୍ୟମାନଙ୍କର ନାନାବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଇଣ୍ଡିଆନ୍ ବ୍ୟାଙ୍କର୍ସ ଆସୋସିଏସନ୍ ଓ କେନ୍ଦ୍ର ସରକାରଙ୍କ ଉଦାସୀନତାର ଘୋର ଉଦବେଗ ପ୍ରକାଶ କରିଥିଲେ ।ସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ଧରି ପେନସନଭୋଗୀ କର୍ମଚାରୀ ଓ ଅଧିକାରୀଙ୍କର ପେନସନ୍ ସମ୍ବନ୍ଧୀୟ ଜରୁରୀ ସମସ୍ୟାର ସମାଧାନ, ଯଥା -ବେତନ ସଂଶୋଧନ ସମୟରେ ବେତନଭୋଗୀଙ୍କ ମୂଳ ଦରମାର ସଂଶୋଧନ କରିବା । କମ୍ୟୁଷ୍ଟେସନ ଅବଧି ୧୫ ବର୍ଷ ପରିବର୍ତେ ୧୦ ବର୍ଷ କରିବାକୁ ଦାବି କରିଥିଲେ । ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ରାଉତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ସଂଘର ନବନିର୍ବାଚିତ କର୍ମକର୍ତାଙ୍କର ନାମ ଘୋଷଣା କରିଥିଲେ । ଗଣେଶଚନ୍ଦ୍ର ମିଶ୍ର ଓ ଉପେନ୍ଦ୍ର କୁମାର ଦାଶ ଯଥାକ୍ରମେ ସଭାପତି ଓ ସାଧାର ଧାରଣ ସଂପାଦକଙ୍କ ସହ ଅନ୍ୟ ସମସ୍ତ କର୍ମକର୍ତା ନିର୍ଦ୍ୱନ୍ଦରେ ପୁନଃ ନିର୍ବାଚିତ ହୋଇଥିଲେ ।

# ବାସୁଦେବ ପୀଠ ନାଟକ ଉତ୍ସବର ଦ୍ୱିତୀୟ ରାତ୍ରୀ



ଧାମନଗର(ନିପ୍ର): ଧାମନଗର ବ୍ଲକର ଅର୍ଜୁନପୁର ପଂଚାୟତ ବାଲିପାଟଣା ବାସୁଦେବ ପୀଠରେ ସତ୍ୟ ନାରାୟଣ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ମୁକ୍ତ ମଂଚ ନାଟକ ଉତ୍ସ୍ୱ ର ଦ୍ୱିତୀୟ ରାତ୍ରିରେ ମଂଚସ୍ଥ ହୋଇଛି । ସମାଜ ସେବୀ ଅକ୍ଷୟ ନାୟକଙ୍କ ଅଧକ୍ଷତାରେ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନେତା ସମିତି ସଭ୍ୟ ବିଦ୍ୟାଧର ରାଉତ ମୁଖ୍ୟ ଅତିଥି ରୂପେ ଉଦଘାଟନ କରିଥିଲେ । ସମାଜସେବୀ ସୀତାକାନ୍ତ ଜେନା, ଶିକ୍ଷାବିତ ଘନଶ୍ୟାମ ମହାନ୍ତି, ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅଧାପକ ବିଜୟ ଦାସ, ଉପେନ୍ଦ୍ର ବେହେରା, ରମାକାନ୍ତ ବେହେରା, ଅଧର ପରିଡା, ପ୍ରାକ୍ତନ ସରପଂଚ ନିରଞ୍ଜନ ମାଝୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ କଳା କୁ ବଂଚାଇ ରଖିବା ପାଇଁ ଯୁବକ ମାନେ ଆଗେଇ ଆସିବା ଦରକାର, ନାଟକ ସମାଜ ପାଇଁ ସବୁବେଳେ ସକାରତ୍ମକ ବାର୍ତା ଦେଇଥାଏ ବୋଲି ଅତିଥି ମାନେ କହିଥିଲେ । ବିରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ ।

# ୬ ଦିନିଆ ଇଂଟର୍ନସିପ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୟାଗଡ଼(ନିପ୍ର): ନୟାଗଡ଼ ସ୍ଥିତ ହୋଟେଲ ନୀଳମାଧବ ପରିସରରେ ଗତ ୧୯.୦୩.୨୬ ରୁ ୨୪.୦୩.୨୬ ପର୍ଯ୍ୟନ୍ତ ଚାଲିଥିବା ନୟାଗଡ଼ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଚତୁର୍ଥ ସେମିଷ୍ଟାର ଗୃହ ବିଜ୍ଞାନ ବିଭାଗ ଛାତ୍ରୀଙ୍କ ଇଂଟର୍ନସିପ୍ କାର୍ଯ୍ୟକ୍ରମ ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ 'ସିଭିଲ ସୋସାଇଟି ନୟାଗଡ଼'ର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସିଭିଲ ସୋସାଇଟିର ଅଧକ୍ଷ ରୋଟାରିଆନ ଗୋଦାବରିଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜୀବିକା ମିଶନର ଡି.ପି.ଏମ ଶାଶ୍ୱତ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୀତାରାମ ସାହୁ, ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ସୋମା କାଳିଆ ଏବଂ ସିଭିଲ ସୋସାଇଟିର ଉପାଧ୍ୟକ୍ଷ ଭଗବତୀ ଚରଣ ପଟ୍ଟନାୟକ ମଂଚାସୀନ ଥିଲେ । ଅତିଥିମାନେ ନିଜ ନିଜ ଅଭିଭାଷଣରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ଖାଦ୍ୟ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ । ବିଶେଷ କରି ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା ଶିଖିବା ଦ୍ୱାରା ଛାତ୍ରୀମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ଅନୁଷ୍ଠିତ ହେଲା ଉଦ୍ୟମିତା ପ୍ରୋତ୍ସାହନ କାର୍ଯକ୍ରମ

ଖୁଂଟା(ନିପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ବାସିପିଠା ପଂଚାୟତର ପୁରୁଣାପାଣି ଗୋଲକ ବିହାରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ପ୍ରୋତ୍ସାହନ କର୍ମଶାଳା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୁଂଟା ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ ଯୋଗ ଦେଇ ଥିବାବେଳେ, ଡି ଆଇ ସି ର ଜେନେରାଲ ମ୍ୟାନେଜର ଦିନେଶ କୁମାର ହୋତା, ସହକାରୀ ଶିଳ୍ପ ଅଧିକାରୀ ରଘୁନାଥ ବଳ, ଖୁଂଟା ବ୍ଲକ ଶିଳ୍ପ ଅଧିକାରୀ ସବିତା ନାଏକ, ସ୍ଥାନୀୟ ସରପଂଚ ଜୟପାଳ ମାରାଣ୍ଡି, ସ୍ଥାନୀୟ ବ୍ୟାଙ୍କ ମ୍ୟାନେଜର ଏବଂ ସଫଳ ଉଦ୍ୟୋଗୀମାନେ ଯୋଗ ଦେଇ, ବେକାର ଯୁବକ ଯୁବତୀ ମାନଙ୍କୁ କିଭଳି ଗଝଗର ମାଧ୍ୟମରେ କିଭଳି ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇପାରିବେ, ସେ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ । ବ୍ଲକର ବିଭିନ୍ନ ଅଂଚଳରୁ ଶତାଧିକ ବେକାର ମହିଳା ଓ ପୁରୁଷ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

IEPF | SEBI
CDSL NSDL BSE NSE

ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ (ଆଇଇପିଏଫ୍ଏ)
(ଉଦ୍ୟୋଗବ୍ୟାପାର ମନ୍ତ୍ରଣାଳୟ)

ସାର୍ବଜନୀନ ସୂଚନା

ନିବେଶକ ଶିବିର

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ଆଇଇପିଏଫ୍ଏ) ସହିତ ଉଦ୍ୟୋଗ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ନିବେଶକ ଶିବିର (ଏସ୍ଇବିଆଇ), ସମଗ୍ର ଭାରତରେ ଦାବିଦାରଙ୍କ ଚିନ୍ତା ଏବଂ ପ୍ରଶ୍ନର ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ ନିବେଶକ ଶିବିର ଆରମ୍ଭ କରୁଛି ।

ଉଦ୍ଦେଶ୍ୟ

ନିବେଶକ ଶିବିରର ଲକ୍ଷ୍ୟ ହେଉଛି ନିବେଶକ ସେବାକୁ ସରଳ କରିବା, ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ନିବେଶକ ସୁରକ୍ଷାକୁ ସୁଦୃଢ଼ କରିବା:

- ଅପେକ୍ଷିତ ଲାଭାଂଶ (୬-୭ ବର୍ଷ ପାଇଁ ରଖାଯାଇଥିବା) ସ୍ଥାନାନ୍ତରକୁ ସହଜ କରିବା ।
- କମ୍ପାନୀ ସହିତ କେଓ୍ୱାଇସି ଏବଂ ନାମାଙ୍କନ ଅଦ୍ୟତନରେ ସହାୟତା କରିବା ।
- ଦାବି ନକରିଥିବା ଏବଂ ଅବୈଧ ସେୟାର ଏବଂ ଲାଭାଂଶର ବିଚାରାଧୀନ ଆଇଇପିଏଫ୍ଏ ଦାବି ସମାଧାନ କରିବା ।

ଅନୁସୂଚିତ ସହର

ଏହି ଦୃଷ୍ଟିକୋଣକୁ ଆଗକୁ ନେବା ପାଇଁ, ଭୁବନେଶ୍ୱରରେ ନିବେଶକ ଶିବିର ଆୟୋଜନ କରାଯିବ ।

କାର୍ଯ୍ୟକ୍ରମ ବିବରଣୀ

**ତାରିଖ/ସମୟ:** ୨୭ ମାର୍ଚ୍ଚ ୨୦୨୬, ସକାଳ ୧୦:୦୦ ରୁ ଅପରାହ୍ନ ୪:୦୦
**ସ୍ଥାନ:** ଇଭେଂଟ ସ୍କୋୟାର, ହୋଟେଲ ସ୍ୱସ୍ତି ପ୍ରିମିୟମ୍ ନିକଟରେ, ଜୟଦେବ ବିହାର, ଭୁବନେଶ୍ୱର, ପିନକୋଡ୍-୭୫୧୦୧୩

କିପରି ଅଂଶଗ୍ରହଣ କରିବେ

ଦୟାକରି ଏହି ନୋଟିସରେ ଦିଆଯାଇଥିବା ଛଜ କୋଡ୍ ସ୍କାନ କରି କିମ୍ବା ଲିଙ୍କରେ କ୍ଲିକ୍ କରି ପଞ୍ଜୀକରଣ କରନ୍ତୁ:
https://qr.me-qr.com/l/NiveshakShivir
ଏହି ପଞ୍ଜୀକରଣ ଆମକୁ ନିଶ୍ଚିତ କରିବାରେ ସାହାଯ୍ୟ କରିବ ଯେ ଆପଣ ନିବେଶକ ଶିବିରରେ ସବୁଠାରୁ ପ୍ରଭାବଶାଳୀ ଏବଂ ସମୟୋଚିତ ସହାୟତା ପାଇଛନ୍ତି ।

ଅଧିକ ସୂଚନା ପାଇଁ

ଦୟାକରି ଆମର ଅଫିସିଆଲ୍ ୱେବସାଇଟ୍ www.iepf.gov.in ପରିଦର୍ଶନ କରନ୍ତୁ । ନିବେଶକ ଶିବିର ସମ୍ବନ୍ଧୀୟ ସଦ୍ୟତମ ଅପଡେଟ୍ ଏବଂ ଘୋଷଣା ପାଇଁ ଆପଣ ଆମର ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକରେ ମଧ୍ୟ ଆମକୁ ଅନୁସରଣ କରିପାରିବେ ।

ଆମେ ସମସ୍ତ ଦାବିଦାରଙ୍କୁ ଆମର ବିଶେଷଜ୍ଞଙ୍କ ଦ୍ୱାରା ସିଧାସଳଖ ସେମାନଙ୍କର ଚିନ୍ତାର ସମାଧାନ କରିବା ପାଇଁ ଏହି ସୁଯୋଗର ସୁଯୋଗ ନେବାକୁ ଉତ୍ସାହିତ କରୁଛୁ । ଉନ୍ନତ ସେବା ଏବଂ ସମର୍ଥନ ପ୍ରଦାନ କରିବାରେ ଆପଣଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ।

**କଲ୍ ସେଂଟର: ସୋମବାର ରୁ ଶୁକ୍ରବାର ସକାଳ ୯:୦୦ ରୁ ସନ୍ଧ୍ୟା ୫:୩୦ ପର୍ଯ୍ୟନ୍ତ । ଟୋଲ୍ ଫ୍ରି ନମ୍ବର: ୧୪୪୫୩ ।**

CBC 07110/12/0013/2526
www.iepf.gov.in

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବରହମ୍ପୁର, ନୀଳଗିରି ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି ଓଡ଼ିଶା ସହ ଅନୁବନ୍ଧିତ ।
**UDISE Code No- 21080702581**
ପ୍ରଭାତ ଓ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ
ଶିକ୍ଷାବର୍ଷ ୨୦୨୬-୨୭
**Reco No: SSVMBNB/109/2022**
**Noc: 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭') ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣ ନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।
ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କ ବାସସ୍ଥାନ ବିଦ୍ୟାଳୟ ଠାରୁ ୧କି.ମି. ମଧ୍ୟରେ ହୋଇଥିବା ଆବଶ୍ୟକ ।

ପ୍ରଧାନ ଆଚାର୍ଯ୍ୟା
ମୋ- ୭୮୯୪୮୦୧୮୮୮











କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ ।

# ଆଜିକାଲି



ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ ।
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ନିଜର କୁଳଧର୍ମ ଦୋଷମୁକ୍ତ ହେଲେ ମଧ୍ୟ ନିଜ କୁଳ ଧର୍ମରେ ମରିବା ବରଂ ଶ୍ରେୟ, ପରର କୁଳଧର୍ମ ଶ୍ରେଷ୍ଠ ହେଲେ ମଧ୍ୟ ତାହା ଗ୍ରହଣ କରିବା ଦୋଷମୁକ୍ତ ଅଟେ ।

## ଯୁବବର୍ଗଙ୍କ ମାନସିକ ଅସୁସ୍ଥତା ଚିନ୍ତାଜନକ

କଥାରେ ଅଛି ମନ ଯଦି ସୁସ୍ଥ ଅଛି, ତେବେ ସ୍ୱାସ୍ଥ୍ୟ ଠିକ୍ ଅଛି । କିନ୍ତୁ ଭାରତୀୟ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ବୈଶ୍ୱିକ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ । ଆମେରିକାର ସାପିଏନ ଲାବସ୍ ପକ୍ଷରୁ ଦେଶର ୧୮ବର୍ଷରୁ ୩୪ବର୍ଷ ମଧ୍ୟରେ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ କରାଯାଇଥିବା ଅଧ୍ୟୟନରେ ଗ୍ଲୋବାଲ ମାଇଣ୍ଡ ହେଲଥ ବୈଶ୍ୱିକ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟର-୨୦୨୫ରେ ଭାରତୀୟ ଯୁବପିଢିଙ୍କ ସ୍କୋର ୩୩ଥିବାବେଳେ ୮୪ଟି ଦେଶ ତାଲିକାରେ ଭାରତର ସ୍ଥାନ ୬୦ତମ ସ୍ଥାନରେ ରହିଛି । କହିବା ବାହୁଲ୍ୟ ଯେ, ୮୪ଟି ଦେଶର ୧୮ରୁ ୩୪ବର୍ଷ ମଧ୍ୟରେ ଯୁବପିଢି ଏବଂ ୫୫ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା । ବରିଷ୍ଠ ବା ବୟସ୍କ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ସ୍କୋର ୯୬ଥିବାବେଳେ ତାଲିକାର ୪୯ ତମ ସ୍ଥାନରେ ରହିଛି । ବୟସ୍କଙ୍କ ତୁଳନାରେ ଯୁବବର୍ଗଙ୍କ ମାନସିକ ସୁସ୍ଥତା ଖରାପ ସ୍ଥିତିରେ ଥିବା କୁହାଯାଇଛି । ତେବେ କେବଳ ଭାରତୀୟ ଯୁବବର୍ଗ ନୁହଁନ୍ତି, ଅନ୍ୟ ରାଷ୍ଟ୍ରଗୁଡିକରେ ମଧ୍ୟ ଯୁବବର୍ଗଙ୍କ ମାନସିକ ସୁସ୍ଥତା ଖରାପ ପର୍ଯ୍ୟାୟରେ ରହିଛି । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବାସୀ ୮୪ଟି ଦେଶର ୧୦ଲକ୍ଷରୁ ଉର୍ଦ୍ଧ୍ୱରୁ ଯୁବବର୍ଗ ଓ ବୟସ୍କ ବ୍ୟକ୍ତି, ଯେଉଁମାନେ କି ଇଂଟରନେଟ ସହ ଜଡିତ, ସେମାନଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ ବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସ୍କୋର (ଏମଏଚକ୍ୟୁ) ହାରାହାରି ୧୦୦ ପାଖାପାଖି ଥିବାବେଳେ ଯୁବବର୍ଗଙ୍କର ଏମଏଚକ୍ୟୁ ହାରାହାରି ୩୬ରହିଛି । କିନ୍ତୁ ବିଶ୍ୱବ୍ୟାପୀ ୪୧ପ୍ରତିଶତ ଯୁବ ବୟସ୍କ ବିଚଳିତ ଓ ବିଭିନ୍ନ ବର୍ଗ ସହ ସଂଘର୍ଷରେ ପିଡିତ ଥିବା କୁହାଯାଇଛି । ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ରିପୋର୍ଟ ଚାରୋଟି ପ୍ରସଙ୍ଗକୁ ଚିହ୍ନଟ କରିଛି । ସେଗୁଡିକ ମଧ୍ୟରେ ପାରିବାରିକ ସୁସମ୍ପର୍କ ଦୁର୍ବଳ, ଆଧାତ୍ମିକ ମନୋଭାବ ହ୍ରାସ, ସ୍ମାର୍ଟଫୋନର ବହୁଳମାତ୍ରାରେ ବ୍ୟବହାର ଏବଂ ପ୍ୟାକେଟ ବା ଅଧିକ ମାତ୍ରାରେ ଲୁଣ, ଚିନି, ଖରାପ ତେଲ ଯୁକ୍ତ ଖାଦ୍ୟ ଗ୍ରହଣ ରହିଛି । ଭାରତରେ ପ୍ୟାକେଟ ଖାଦ୍ୟ ବ୍ୟବହାର ଯୁବବର୍ଗଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଛି । ଆହୁରି ପିଲାବେଳୁ ସ୍ମାର୍ଟଫୋନ ବ୍ୟବହାରରେ ବର୍ତ୍ତମାନର ଯୁବବର୍ଗ ଅଭ୍ୟସ୍ତ । ସ୍ମାର୍ଟଫୋନ ବ୍ୟବହାର ଯୁବବର୍ଗଙ୍କ ମାନସିକ ସ୍ଥିତିକୁ ବିଚଳିତ କରିଦେଇଛି । ଯାହାର ପରିଣତି ସ୍ୱରୂପ ବହୁ ଯୁବକ ଯୁବତୀ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ କୁଣ୍ଠାବୋଧ କରୁନାହାଁନ୍ତି । ନିକଟରେ ଉତରପ୍ରଦେଶରେ ପିତାମାତା ସ୍ମାର୍ଟଫୋନ ଛଡାଇ ନେବାରୁ ୯ ମହଲାରୁ ଡେଇଁ ତିନି ଭଉଣୀଙ୍କ ଆତ୍ମହତ୍ୟା କରିବା ଏହାର ହେଉଛି ଜ୍ୱଳନ୍ତ ଉଦାହରଣ । ଅନ୍ୟପକ୍ଷରେ ଆମଦେଶରେ ମାନସିକ ରୋଗ ଚିକିତ୍ସକଙ୍କ ସଂଖ୍ୟା ମଧ୍ୟ ବହୁ ନଗଣ୍ୟ ରହିଛି । ପ୍ରତି ୧ଲକ୍ଷ ଲୋକସଂଖ୍ୟାରେ ଦେଶରେ ମାତ୍ର ୦.୭୫ ପ୍ରତିଶତ ମାନସିକ ରୋଗ ଚିକିତ୍ସକ ଥିବା ଏକ ରିପୋର୍ଟରେ କୁହାଯାଇଛି । ମାନସିକ ସୁସ୍ଥତା ପାଇଁ ଯୁବବର୍ଗ ଉପଯୁକ୍ତ ଚିକିତ୍ସା ଏବଂ ପରାମର୍ଶ ପାଇପାରୁନାହାଁନ୍ତି । ଭାରତରେ ଯୁବବର୍ଗ ଏକାଡେମିକ ବା ଶିକ୍ଷାନୁଷ୍ଠାନ ଚାପ, ନିଯୁକ୍ତି, ଅନିଶ୍ଚିତତା, ବେରୋଜଗାର ଏବଂ ଦ୍ରୁତ ସାମାଜିକ ପରିବର୍ତ୍ତନ ଚାପରେ ଜର୍ଜରିତ । ସେମାନେ ଯଥାର୍ଥ ସମୟରେ ଉପଯୁକ୍ତ ସହାୟତା, ସମର୍ଥନ ପାଇବା ଅତ୍ୟନ୍ତ କଷ୍ଟକର । ଭାରତରେ ଯୁବବର୍ଗର ଅକାଳ ମୃତ୍ୟୁ କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରେ ଆତ୍ମହତ୍ୟା ଗୋଟିଏ । ଭାରତରେ ଯୁବବର୍ଗଙ୍କ ତୁଳନାରେ ବରିଷ୍ଠ ବର୍ଗଙ୍କ ଭଲସ୍ଥିତିରେ ଅଛନ୍ତି । ୭୮ ପ୍ରତିଶତ ବୟସ୍କ ନିଜ ପରିବାର ସହ ସୁସମ୍ପର୍କରେ ଥିବାବେଳେ ଯୁବବର୍ଗଙ୍କ ସଂଖ୍ୟା ହେଉଛି ୬୪ପ୍ରତିଶତ ତେବେ ଭାରତରେ ବହୁ ବୟସ୍କ ଏକାକୀ ରହୁଥିବାବେଳେ କ୍ରନିକ୍ ଅସୁସ୍ଥତା ଏବଂ ସୀମିତ ବାର୍ଦ୍ଧକ୍ୟଜନିତ ମାନସିକ ଅସୁସ୍ଥତାରେ ପିଡିତ । ପ୍ରାୟ ୨୦.୫ ପ୍ରତିଶତ ବରିଷ୍ଠ ବୟସ୍କ ମାନସିକ ସମସ୍ୟାରେ ପିଡିତ ଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନଲାଣ୍ଡରେ ଯୁବବର୍ଗ ମାନସିକ ସୁସ୍ଥତା ତାଲିକାରେ ୪୦ତମ ସ୍ଥାନରେ ରହିଥିବାବେଳେ ବରିଷ୍ଠ ବର୍ଗ ୨୮ତମ ସ୍ଥାନରେ ଅଛନ୍ତି । ଜାପାନ, ତାଇୱାନ, ହଙ୍ଗ, ବ୍ରିଟେନ ଏବଂ ଚୀନ ମାନସିକ ସୁସ୍ଥତା ର୍ୟାଙ୍କରେ ତଳେ ଥିବାବେଳେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ, ତାଂଜାନିଆ ଆଦି ଆଫ୍ରୀକୀୟ ରାଷ୍ଟ୍ରରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ତେବେ ପରିବାର କେନ୍ଦ୍ରୀକ ଜୀବନ ମାନସିକ ଅସୁସ୍ଥତାର ଉପଶମ କରିପାରିବ ବୋଲି କୁହାଯାଏ ।

## ଯୁଦ୍ଧର ସାଇଡ ଇଫେକ୍ଟ ରୋଷେଇରେ



◆ ଗଙ୍ଗାଧର ରାଉତ

ମଧ୍ୟପ୍ରାଚ୍ୟ ଦେଶ ଦେଶ ମଧ୍ୟରେ ଲାଗିଥିବା ଯୁଦ୍ଧ ଘନଘଟା ର ସାଇଡ ଇଫେକ୍ଟ ଆମ ଦେଶ କାହିଁକି ସମଗ୍ର ବିଶ୍ୱର ଅର୍ଥନୀତି କୁ ଏକ ପ୍ରକାର ଦୁର୍ବଳ କରି ଦେଲାଣି । ଯୁଦ୍ଧର ପ୍ରଭା ରେ ଅତ୍ୟାବଶ୍ୟକ ସାମଗ୍ରୀ ର ଅହେତୁକ ମୂଲ୍ୟ ବୃଦ୍ଧି ସାଧାରଣ ଜୀବନ ଯାପନ ପ୍ରଣାଳୀକୁ ବିପର୍ଯ୍ୟସ୍ତ କାହିଁକି ସଙ୍କଟ ମଧ୍ୟକୁ ଠେଲି ଦେଇଛି । ୨୩ ଦିନର ଏହି ସାମାନ୍ୟ ପ୍ରଭାକୁ ଦେଖି ଲୋକେ ଛାନିଆ ମଧ୍ୟ ହୋଇଗଲେଣି । ଗରୀବ ଲୋକଙ୍କ କଥା ଛାଡ଼ନ୍ତୁ ଅଧିକାଂଶ ନିମ୍ନ ମଧ୍ୟବିତ ପରିବାର ଓ ମଧ୍ୟବିତ ପରିବାର ରେ ଦୁଇ ଚୁଲି ଓଳି ଜଳିବା ବନ୍ଦ ହୋଇଗଲାଣି । ଗୋଟିଏ ଥର ରୋଷେଇ କରି ଦୁଇ ଓଳି ଖାଇବାକୁ ଘରେ ଘରେ ନିଷ୍ପତି ନିଆ ଗଲାଣି । ଯଦିଓ ଏହା ବାହାରେ ପ୍ରକାଶିତ ହୋଇନାହିଁ କିନ୍ତୁ ଘରେ ଘରେ ଏହି କଥା ଘଟିଲାଣି । ଘର କଥା ଘରେ ରହି ଯାଉଛି । ବାରମ୍ବାର ଚା,ଜଳଖିଆ, ଛଣାଛଣୀ ଉପରେ ଅଘୋଷିତ କଟକଣା ଲାଗିଯାଇଛି ।ଏହା ହୋଇଛି ରୋଷେଇ ଗ୍ୟାସ ର ସଙ୍କଟ ବା




ଅଭାବରୁ । ପ୍ରଥମ ଗ୍ୟାସ ନେବାର ୨୫ ଦିନ ପରେ ବୁକିଂ କରାଯିବ । ବୁକିଂ ହେବା ପରେ କେବେ ଆସିବ ତାହା ଜଣା ପଡୁ ନ ଥିବାରୁ ଲୋକେ ଚିନ୍ତାରେ ଅଛନ୍ତି । ଘରୋଇ ଓ ବ୍ୟବସାୟିକ ଗ୍ୟାସ କଳାବଜାର ହେଉଥିବାର ଅଭିଯୋଗ ହେଉଛି । ସିଲିଣ୍ଡର ପିଛା ଅଧିକ ୧୫୦୦ ରୁ ୨୦୦୦ ଦେବାକୁ ପଡୁଛି ବୋଲି ହୋଟେଲ୍ ଓ ଛୋଟ ଛୋଟ ବ୍ୟବସାୟୀ ମାନେ ସେମାନଙ୍କ ଦୋକାନରେ ବିକ୍ରୀ କରୁଥିବା ସାମଗ୍ରୀ ର ଦରବୃଦ୍ଧି କରି ଗ୍ରାହକ ମାନଙ୍କୁ ସଫେଇ ଦେଇ ଦର ବୃଦ୍ଧି ର ପ୍ରଭାବକୁ ନେଇ ହେବାକୁ ଥିବା ଗ୍ରାହକ ଙ୍କ ଅସନ୍ତୋଷର ଗୁରୁତ୍ୱ କୁ କମାଇ ଦେଉଛନ୍ତି । ଅଧିକାଂଶ ଗରୀବ ଲୋକ ତେଲଭାଜି ଦୋକାନ ବନ୍ଦ କରିଦେଲେଣି । କାରଣ ସେମାନେ ବ୍ୟବସାୟିକ ଗ୍ୟାସ ପାଇ ପାରୁନାହାନ୍ତି ।ଏକ ରେ ସେମାନଙ୍କ ଦୋକାନ ବନ୍ଦ । ଅନ୍ୟପକ୍ଷରେ ବ୍ୟବସାୟ ନ ଥିବାରୁ ଘର ଚଳାଇବା ଅସମ୍ଭବ ହୋଇପଡିଛି । ସମସ୍ତେ ଏକ ପ୍ରକାର ସମସ୍ୟାରେ ଅସନ୍ତୁଳିତ ଜୀବନଶୈଳୀର ଜୀବନ ଜିଇଁ ବାକୁ ପରୋକ୍ଷରେ ବାଧ୍ୟ ହେଉଛନ୍ତି ।ଗ୍ୟାସର ଏହି ଅଭାବ କାରଣରୁ ବିଦ୍ୟୁତ ଚାଳିତ ଇଣ୍ଡୁକସନ୍ ଚୂଲା ର ଚାହିଦା ବୃଦ୍ଧି ପାଇଛି ସେହି ଚୁଲାର ଦର ବୃଦ୍ଧି ହେବା ସହିତ କଳାବଜାର ହେଉଛି । ଦର ବୃଦ୍ଧି ରେ ଦେଶର ଲୋକେ ସନ୍ତୁଳିତ ହେଉଥିବା ବେଳେ ସେ ଦିଗରୁ ନଜର ଫେରାଇ ଆଣିବାକୁ ଏହା ପଛରେ ଥିବା ବ୍ୟକ୍ତି ମାନେ ସୁନା ରୂପା ଦର କମିଲା ବୋଲି ବଡ଼ ଧରଣର ଚିତ୍କାର କରି ଲୋକଙ୍କ ଗ୍ୟାସ ଦର ବୃଦ୍ଧି ଜନିତ ସମସ୍ୟା କୁ ଗୌଣ କରିଦେବାକୁ ଉଦ୍ୟମ ଜାରୀ ରଖିଛନ୍ତି । ସୁନା ରୂପା ଦର ୫/୧୦ ହଜାର କମିଗଲା ବୋଲି ବଡ ପାଟିରେ କୁହାଯାଉଛି । ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରାଯାଉଛି । କାରଣ ସୁନା ରୂପା ଦର ଏବେ ଆକାଶ ଛୁଆଁ ହୋଇଛି । ଦର କମିବା କଥା ଟି ସାଧାରଣ ଜନତାଙ୍କ ମୁଣ୍ଡ ଭିତରେ ପୁରାଇ ଦେବାକୁ ଆପ୍ରାଣ ଉଦ୍ୟମ ହେଉଛି । ସାଧାରଣ ଲୋକେ ନିଜର ଦୈନନ୍ଦିନ ଖର୍ଚ୍ଚ ବୃଦ୍ଧି ହେଉଥିବାରୁ ଏହାକୁ ଭରଣା କରିବା ଶକ୍ତି ଓ ସାହସ ଜୁଟାଇ ପାରୁନଥିବା ବେଳେ ସୁନା ରୂପା ଦର କମିବା ବଢିବା ନେଇ ଚର୍ଚ୍ଚା କରି ବେଶ ଆତ୍ମ ସନ୍ତୋଷ ଲାଭ କରୁଥିବା ଦେଖାଯାଉଛି । ଦେଖାଯାଉ ଆଗାମୀ ଦିନରେ ଯୁଦ୍ଧ ଜନିତ ପରିସ୍ଥିତି ଲୋକଙ୍କ ପାଇଁ ଆଗାମୀ ଦିନରେ କେଉଁ ମୋଡ଼ ନେବ ତାହା ଦେଖିବାକୁ ବାକି ରହିଲା ।

*ବରିଷ୍ଠ ସାମ୍ବାଦିକ, ବାଲେଶ୍ୱର*

## ଜିଜ୍ଞାସା

### ସ୍ନାନ ନ କରି ତୁଳସୀ ଚୟନ କଲେ କ’ଣ ହୁଏ



☛ ସ୍ନାନ ନ କରି ତୁଳସୀ ଚୟନ କଲେ ପାପ ହୁଏ ।

☛ ସେ ତୁଳସୀରେ ପୂଜା ନିଷ୍ଫଳ ହୁଏ ।

☛ ପୂଜକ ଅପପରାଧୀ ହୁଏ ।

☛ ପୂର୍ଣ୍ଣିମାରେ, ଅମାବାସ୍ୟାରେ, ଦ୍ୱାଦଶୀରେ, ସଂକ୍ରାନ୍ତିରେ ସ୍ନାନ ନ କରି ତେଲ ଲଗାଇ ତୁଳସୀ ଚୟନ କଲେ ତାହା କାମରେ ଲାଗେ ନାହିଁ ।

☛ ଅଶୌଚ ଅବସ୍ଥାରେ ତୁଳସୀ ଚୟନ କଲେ ବ୍ରହ୍ମହତ୍ୟା ଦୋଷ ଲାଗେ ।

## ସବୁଜ ବିପ୍ଳବର ଜନକ : ଡକ୍ଟର ନର୍ମାନ୍ ଅର୍ନେଷ୍ଟ

◆ ଡ଼ଃ.ଅରୁନ୍ଧତୀ ଦେବୀ

ଜନ୍ମ ଜୟନ୍ତୀ ଉପଲକ୍ଷେ

ଆଜି ସମଗ୍ର ବିଶ୍ୱରେ ମହାସମାରୋହରେ ପାଳିତ ହେଉଛି ସବୁଜ ବିପ୍ଳବର ଜନକ କୁହାଯାଉଥିବା ମହାନ୍ କୃଷି ତଥା ଅଣୁଜୀବ ବିଜ୍ଞାନୀ ଡକ୍‌ଟର ନର୍ମାନ୍ ଅର୍ନେଷ୍ଟ ବୋର୍‌ଲଗ୍‌ଙ୍କ ଜନ୍ମ ଶତବାର୍ଷିକୀ । ସେ ବିଜ୍ଞାନୀ ହୋଇଥିଲେ ହେଁ ୧୯୭୦ରେ ତାଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାର ମୁଖ୍ୟ କାରଣ ହେଉଛି ତାଙ୍କ ଯୋଗୁଁ ଶହେ କୋଟିରୁ ଅଧିକ ଭୋକିଲା, ଅନ୍ନ ଦେଖିଥିଲେ ଏବଂ ଦେଖୁଛନ୍ତି ମଧ୍ୟ । ତାଙ୍କ ଗବେଷଣାର ସୁଫଳ ସ୍ୱରୂପ ମୁଖ୍ୟତଃ ଏସିଆ ଓ ଆଫ୍ରିକାରେ ଖାଦ୍ୟଶସ୍ୟର ଉତ୍ପାଦନ ବହୁଗୁଣିତ ହୋଇଥିଲା । ତେଣୁ ତାଙ୍କୁ ଶହେ କୋଟି ବୁଭୁକ୍ଷଙ୍କ ଜୀବନଦାତା ମଧ୍ୟ କୁହାଯାଏ । ସେ ନୋବେଲ୍ ବିଶ୍ୱ ଖାଦ୍ୟ ପୁରସ୍କାର, ପ୍ରେସିଡେନ୍‌ସିଆଲ ମେଡ଼ାଲ ଅଫ୍ ଫ୍ରିଡମ୍, କଂଗ୍ରେସନାଲ୍ ଗୋଲ୍ଡ଼ ମେଡ଼ାଲ ପାଇଥିବା ବିଶ୍ୱର ସପ୍ତମ ବିଶିଷ୍ଟ ବିଜ୍ଞାନୀ । ଭାରତ ସରକାର ୨୦୦୬ରେ ତାଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରିଥିଲେ । ଡକ୍ଟର ବୋର୍‌ଲଗ୍‌ଙ୍କ ପୂର୍ବପୁରୁଷ ଥିଲେ ନର୍‌ୱେୟୀୟ । ତେବେ ତାଙ୍କ



ଜେଜେବାପା ଆମେରିକା ଚାଲିଆସିଥିଲେ । ୧୯୧୪ ମସିହା ୨୫ ତାରିଖରେ ଆୟୋୱା ଅନ୍ତର୍ଗତ କ୍ରିସ୍କୋର ଏକ ମଫସଲ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ଥିଲା ୧୦୬ ଏକର କ୍ଷେତ । ସାତ ବର୍ଷ ବୟସରେ ସେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ । ଉଣେଇଶ ବର୍ଷ ପର୍ଯ୍ୟନ୍ତ ସେ ନିଜକୁ ବ୍ୟସ୍ତ ରଖିଥିଲେ କ୍ଷେତରେ । ମତ୍ସ୍ୟଚାଷ ସହ କୁକୁଡ଼ା, ଶୂକର, ମୋ-ମହିଷାଦି ପାଳନ ମଧ୍ୟ କରୁଥିଲେ । ତାହା ପରେ ଜେଜେଙ୍କ ଇଚ୍ଛା ଅନୁଯାୟୀ କୃଷିକ୍ଷେତ୍ର ଛାଡ଼ି ଅଧ୍ୟୟନରେ ମନଦେଇଥିଲେ । ଖୁବ୍ କମ୍ ସମୟରେ ତାଙ୍କୁ ସଫଳତା ପ୍ରାପ୍ତ ହୋଇଥିଲା । ୧୯୩୭ରେ ସେ ପ୍ରାଣୀ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ଶେଷ କରି ଗବେଷଣାରେ ବ୍ୟାପୃତ ହୋଇ ଥିଲା । ୧୯୪୨ରେ ଉଦ୍ଭିଦ ନିଦାନ ବିଜ୍ଞାନ ଓ ଅନୁବଂଶ ବିଜ୍ଞାନରେ ସଂଦର୍ଭ ଦାଖଲ କରି ସେ ମିନୋସେଟା ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ହାସଲ କରି ପରିଚିତ ହୋଇଥିଲେ ଡକ୍‌ଟର ବୋର୍‌ଲଗ୍ ରୂପେ । ପ୍ରଥମେ ମାର୍କିନ୍ ସେନାରେ ଯୋଗଦେବା ଥିଲା ଲକ୍ଷ୍ୟ । ତେବେ ତାହା ହାସଲ ନହେବାରୁ ମେକ୍‌ସିକୋରେ ଅଧିକ ଗବେଷଣା ଜାରି ରଖିଥିଲେ । ସେ ଅଧିକ ଉତ୍ପାଦନକ୍ଷମ ଗହମ ବିକଶିତ କରିଥିଲେ, ଯାହାର ସୁଫଳ ସ୍ୱରୂପ ମେକ୍‌ସିକୋ ଏକ ଗହମ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହୋଇଥିଲା ଏବଂ ଭାରତ ଓ ପାକିସ୍ତାନରେ ଗହମ ଉତ୍ପାଦନ ଦ୍ୱିଗୁଣିତ ହୋଇଥିଲା । ନିର୍ବାହକ କୃଷି ଉପରେ ନିର୍ଭରଶୀଳ ଦରିଦ୍ର ରାଷ୍ଟ୍ରଗୁଡ଼ିକରେ ସେ ଏକକ କୃଷି ଓ ସାଧନ ସଘନ ଚାଷ ପ୍ରଚଳନ କରାଇଥିଲେ । ଫଳରେ ବିଶ୍ୱରୁ ଖାଦ୍ୟାଭାବ ଦୂର ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ତାଙ୍କୁ ନୋବେଲ୍ ପୁରସ୍କାର ଦିଆଯିବ ଘୋଷିତ ହେଲା ବେଳକୁ ସେ କୃଷି କ୍ଷେତ୍ରରେ କାର୍ଯ୍ୟ-ବ୍ୟସ୍ତ ଥିଲେ । ପତ୍ନୀ ପ□ଷଠି କିଲୋମିଟର ଦୂରରେ ଥିବା କୃଷି କ୍ଷେତ୍ରରେ ପହଂଚ□ ସୁଖବର ଶୁଣାଇବାରୁ ସେ ବିଶ୍ୱାସ କରି ନଥିଲେ । ଜୈବ ବିବିଧତା ଓ ସବୁଜ ବିପ୍ଳବ ପ୍ରତି ଆମ ସମସ୍ତଙ୍କର ଆତ୍ମ ସଚେତନତା ବଢ଼ିଲେ ଏହା ଯଥାର୍ଥରେ ହେବ ଏପରି ଜଣେ ବିଶ୍ୱ ପ୍ରସିଦ୍ଧ ବିଜ୍ଞାନୀଙ୍କ ପ୍ରତି ଶୁଭକାମନା ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*

## ସଫଳ ବ୍ୟକ୍ତିତ୍ୱ : ଗୋପାଳ ଛୋଟରାୟ

◆ ଅଭୟ କୁମାର ଦାସ



ଓଡ଼ିଆ ନାଟକର ଜଣେ ପରିଚିତ ଚେହେରା ଭାବେ ଗୋପାଳ ଛୋଟରାୟ ବେଶ ଜଣାଶୁଣା । ୧୯୧୬ ମସିହାରେ ଜଗତ୍‌ସିଂହପୁରରେ ଜନ୍ମ ହୋଇଥିଲେ ୨୫ ତାରିଖରେ ଏହି ମହାନ ନାଟ୍ୟକାର । ଓଡ଼ିଶାର ଗୀତିନାଟ୍ୟ, ପାଲା ଆଦିରେ ସଂସ୍କାର ଆଣିବାକୁ ସେ ପ୍ରୟାସ କରିଥିଲେ । ସାଧାରଣ ମଣିଷର ଜୀବନ ଧାରଣ ଓ ନିତିଦିନିଆ ଚଳଣିକୁ ନେଇ ତାଙ୍କର ନାଟକ ସବୁ ଜୀବନ୍ତ । ସେ ଶତାଧିକ ମ□ ସହ ବେତାର ନାଟକ ଓ ଅନେକ ଚଳଚ୍ଚିତ୍ର ସଂଳାପ ରଚନା କରିଛନ୍ତି । ସେ ମଧ୍ୟ ଅନେକ ହିନ୍ଦୀ, ମରାଠୀ ଓ ଗୁଜୁରାଟୀର ନାଟକକୁ ଓଡ଼ିଆରେ ରୂପାନ୍ତର କରିଛନ୍ତି । ତାଙ୍କ ଲେଖନୀରୁ ଶ୍ରୀଗଣେଶ, ଜନ୍ମାଷ୍ଟମୀ, ଶ୍ରୀଜଗନ୍ନାଥ, କପଟପାଶା ଭଳି ଅନେକ ନାଟକ, ସହଧର୍ମଣୀ, ପଂଚ□ନାଟିକା, ନପାହୁ ରାତି, ଚନ୍ଦ୍ରମୁଖୀ ଭଳି କ୍ଷୁଦ୍ରଗଳ୍ପ ପାଠକଙ୍କୁ ଭେଟି ଦେଇଛନ୍ତି । ତାଙ୍କ ରଚିତ ବହୁ ଗଳ୍ପ ଆକାଶବାଣୀ କଟକରେ ମଧ୍ୟ ପ୍ରସାରିତ ହୋଇଛି । ତାଙ୍କର ରଚନା ମଧ୍ୟରୁ ଆଠଟି ହିନ୍ଦୀ, ଇଂରାଜୀ ଓ ତେଲୁଗୁରେ ଅନୁବାଦ କରାଯାଇଛି । ୨୦୦୨ ମସିହାରେ ପଦ୍ମଶ୍ରୀ, ୨୦୦୦ ରେ ଶାରଳା, ୧୯୯୨ ରେ ବିଶୁବ, ୧୯୮୨ ରେ ସାହିତ୍ୟ ଏକାଡ଼େମୀ, କେନ୍ଦ୍ର ସାହିତ୍ୟ ନାଟକ ଏକାଡ଼େମୀ ଭଳି ଅନେକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ଏହି ନାଟ୍ୟକାର । ୨୦୦୩ ମସିହାରେ ଏହି ମହାନ ଲେଖକ ତଥା ନାଟ୍ୟକାର ଇହଧାମ ପରିତ୍ୟାଗ କରିଥିଲେ ।

*ଗୋତରା, ମାହାଙ୍ଗା, କଟକ*

## ଏମିତି କାହାଣି କେବେ ଶୁଣିନି



◆ ସୁବାସ କୁମାର ତାରଣିଆଁ

ପ୍ରତିଦିନ ଖବରକାଗଜ ପଢିଲା ବେଳେ, ଯୌତୁକ ଲୋଭରେ ନବବଧୂକୁ ହତ୍ୟା, ସ୍ୱାମୀ, ଶଶୂର ଓ ଶାଶୁ ଗିରଫ । ପୈତୃକ ସମ୍ପତିକୁ କେନ୍ଦ୍ର କରି ବଡ଼ଭାଇକୁ ହତ୍ୟା କଲା ସାନଭାଇ । ସମ୍ପତି ଲୋଭରେ ଶଶୂରଙ୍କୁ ବିଷଦେଇ ମାରିଲା ବୋହୂ । ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀ ପରିବାରକୁ ଆକ୍ରମଣ, ପୂର୍ବ ଶତୃତାକୁ କେନ୍ଦ୍ର କରି ଠିକାଦାରଙ୍କୁ ଗୁଳି କରି ହତ୍ୟା ଆଦି ଅନେକେ କାହାଣି ବିଷୟରେ ଜାଣିଛେ । ହେଲେ ଏମିତି ଏକ ଅଦ୍ଭୁତ କାହାଣି କେହି କେବେ ଶୁଣିନଥିବେ । ଆଶ୍ଚର୍ଯ୍ୟ ଲାଗିଲେ ବି ଘଟଣାଟି ସତ୍ୟ । ପିତାଙ୍କ ଅନ୍ତିମ ସଂସ୍କାରକୁ କେନ୍ଦ୍ର କରି ଭ୍ରାତୃ ବିବାଦ, ମୃତଦେହକୁ ଦୁଇଖଣ୍ଡ କରି କାଟିବାକୁ ଦାବିକଲା ବଡ଼ଭାଇ । ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ମଧ୍ୟପ୍ରଦେଶରେ । ମଧ୍ୟପ୍ରଦେଶର ଟିକମଗଡ଼ ଜିଲ୍ଲାରେ ଏଭଳି ବିଚିତ୍ର ଘଟଣା ଲୋକଲୋଚନକୁ ଆସିଥିଲା । ଟିକମଗଡ଼ ଜିଲ୍ଲା ଅନ୍ତର୍ଗତ ଲଡୋରାତାଲ ଗ୍ରାମରେ ସାନପୁଅ ଦେଶରାଜଙ୍କ ସହିତ ରହୁଥିବା ଧ୍ୟାନୀ ସିଂ ଘୋଷଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଥିଲା । ଧ୍ୟାନୀ ସିଂଙ୍କ ଜ୍ୟେଷ୍ଠପୁତ୍ର କିଷାନ ବାହାରେ ରହୁଥିଲେ । ପିତାଙ୍କ ମୃତ୍ୟୁ ଖବର ଦେଶରାଜ ବଡ଼ଭାଇ କିଷାନଙ୍କୁ ଜଣାଇବା ପରେ, କିଷାନ ଗାଁରେ ପହଂଚିବା ପରେ ଅନ୍ତିମ ସଂସ୍କାରକୁ ନେଇ ଦୁଇଭାଇଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । କିଷାନ ଜ୍ୟୋଷ୍ଠପୁତ୍ର ହୋଇଥିବାରୁ ପିତାଙ୍କ ଶବ ସତ୍କାର କରିବାକୁ ହକ୍‌ଦାର ବୋଲି ଦାବି କରିଥିଲେ । ଅପର ପକ୍ଷରେ ପିତାଙ୍କୁ ଶେଷ ସମୟ ପର୍ଯ୍ୟନ୍ତ ନିଜ ପାଖରେ ରଖିଥିବାରୁ ଏବଂ ସାନପୁତ୍ର ଶେଷକୃତ୍ୟ ସମ୍ପନ୍ନ କରିବାକୁ ମୃତ୍ୟୁ ପୂର୍ବରୁ ପିତା କହିଥିବାରୁ ଏହି ସୁଯୋଗ ଦେଶରାଜଙ୍କୁ ମିଳୁ ବୋଲି ଯୁକ୍ତି ଦର୍ଶାଇଥିଲେ । ବିବାଦ ଏତେ ବଢିଯାଇଥିଲା ଯେ, ଶେଷରେ ବଡ଼ଭାଇ ପିତାଙ୍କ ମୃତଦେହକୁ ଦୁଇଖଣ୍ଡ କରି କାଟି ପରସ୍ପର ଭିତରେ ବାଂଟି ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ବିଚିତ୍ର ପ୍ରସ୍ତାବ ଦେଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିଲା । ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ଓ ପୁଲିସ୍ ସହାୟତାରେ ସାନଭାଇ ଦେଶରାଜ ପିତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଥିଲା ।ସେହିପରି ଆଉ ଏକ ଚାଂଚଲ୍ୟକର ଘଟଣା ଘଟିଥିଲା ବଲାଙ୍ଗୀର ଜିଲ୍ଲାରେ । ଉକ୍ତ ଜିଲ୍ଲାର ବାନ୍ଧନବାହାଲ ସରକାରୀ ପ୍ରାଇମେରୀ ବିଦ୍ୟାଳୟରେ ପ୍ରଭୂଦତ ସାହୁ ସହକାରୀ ଶିକ୍ଷକ ରୂପ କାର୍ଯ୍ୟ କରି ଆସୁଥିଲେ । ମାତ୍ର ଦୀର୍ଘ ତିନିମାସ ଧରି ଉକ୍ତ ଶିକ୍ଷକଙ୍କର ଦରମା ନ ମିଳିବାରୁ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ତେଣୁ ସେ ବାଧ ହୋଇ ମଜୁରୀ କାମ କରିବା ପାଇଁ ଛୁଟି ମଞ୍ଜୁର ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖିଥିଲେ । ପ୍ରଧାନ ଶିକ୍ଷକ ମଧ୍ୟ ତାଙ୍କ ଛୁଟି ମଞ୍ଜୁର କରିବାରୁ ପ୍ରଭୂଦତ ମଜୁରୀ କାମ ଆରମ୍ଭ କରି ଥିଲେ ଯାହା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା । ସର୍ବସମ୍ମୁଖରେ ସ୍ତ୍ରୀର ବିବାହ ଆୟୋଜନ କରିଥିଲା ସ୍ୱାମୀ । ପୁରୁଷବନ୍ଧୁ ଆସିଲା, ସ୍ତ୍ରୀ ମୁଣ୍ଡରେ ସିନ୍ଦୁର ଭରିଲା, ସ୍ୱାମୀ ସେମାନଙ୍କୁ ଆଶୀର୍ବାଦ ଦେଲେ ଓ କହିଲେ ଦୁଇ ଛୁଆଙ୍କୁ ମୁଁ ରିଖିଦେବ, ତୁମେ ତୁମ ନୂଆ ସ୍ୱାମୀ ସହ ଖୁସିରେ ରୁହ । ଉତର ପ୍ରଦେଶରେ ଘଟିଛି ଏଭଳି ଏକ ଘଟଣା । କଟାରଜୋତ ଗ୍ରାମର ରାଧିକା ବବୁଲୁକୁ ୨୦୧୭ ମସିହାରେ ବିବାହ କରିଥିଲେ । ଉଭୟ ପରିବାର ସହ ଖୁସିରେ ବିତାଉଥିଲେ । ସେମାନଙ୍କ ମଧ୍ୟ ଦୁଇଟି ସନ୍ତାନ୍ତ ଥିଲେ । ତେବେ ବବୁଲୁ କାମ ସନ୍ଧାନରେ ବାହାରେ ରହୁଥିବା ବେଳେ ତାଙ୍କ ପତ୍ନୀ ରାଧିକାଙ୍କ ସେହି ଗାଁର ଜଣେ ଯୁବକ ବିକାଶ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଯେତେବେଳେ ସ୍ୱାମୀ ବବୁଲୁ ଏକଥା ଜାଣିବାକୁ ପାଇଲେ, ଘରେ ପାରିବାରିକ କଳହ ଆରମ୍ଭ ହୋଇଯାଇଥିଲା । ଏପରିକି ରାଧିକା ପ୍ରେମିକ ବିକାଶ ସହ ଘରୁ ପଳାଇ ଯାଇଥିଲେ ଓ ଚରିଦିନ ପରେ ଫେରିଥିଲେ । ବବୁଲୁ ଏ ଘଟଣାର ସ୍ଥାୟୀ ସମାଧାନ ଚାହୁଁଥିବାରୁ ସେ ଥାନାରେ ଅଭିଯୋଗ କରିଥିଲେ । ହେଲେ ରାଧିକା ଥାନାରେ ପୋଲିସ୍‌କୁ କହିଥିଲେ ସେ ବିକାଶ ସହିତ ରହିବେ । ଏହାପରେ ବବୁଲୁ ଗ୍ରାମବାସୀଙ୍କୁ ଡ଼ାକି ପତ୍ନୀ ରାଧିକାର ବିବାହ ଆୟୋଜନ କରିଥିଲେ । ଗ୍ରାମବାସୀଙ୍କ ସମ୍ମୁଖରେ ବିକାଶ ରାଧିକାଙ୍କ ମଥାରେ ସିନ୍ଦୁର ଭରିଥିଲେ ଆଉ ଦୁହେଁ ପରସ୍ପରକୁ ମାଳ ପିନ୍ଧାଇଥିଲେ ଓ ରାଧିକା ବିକାଶଙ୍କ ପାଦ ଛୁଇଁ ପ୍ରଣାମ କରିଥିଲା । ଏହାପରେ ବବୁଲୁ କହିଥିଲେ ତୁମେ ଦୁଇ ପିଲାକଥା ଚିନ୍ତା କରିବନି, ତାଙ୍କୁ ମୁଁ ପାଖରେ ରଖିବି, ତୁମେ ନୂଆ ସ୍ୱାମୀ ସହ ଖୁସିରେ ରୁହ । ଏହାଶୁଣି ଭୋ ଭୋ ହୋଇ କାନ୍ଦିଥିଲେ ରାଧିକା ଏହାପରେ ଉପସ୍ଥିତ ଲୋକେ ରାଧିକାକୁ ସାନ୍ତ୍ୱନା ଦେଇଥିଲେ । ବବୁଲୁଙ୍କ କହିବା କଥା, ରାଧିକାକୁ ଯେତେ ବୁଝାଇଲେ ବି ସେ ବୁଝିନଥିଲେ । ଫଳରେ ସେ ବାଧ ହୋଇ ନିଜ ପତ୍ନୀର ବିବାହ କରାଇଥିଲେ । ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ପିତାମାତା, ଭାଇ, ସାଙ୍ଗସାଥୀଙ୍କୁ ହତ୍ୟା କରିବାର ଅନେକ ନଜିର ରହିଛି । ହେଲେ ଯାଜପୁର ଟାଉନ୍‌ଥାନା ଅରକପଡ଼ା ଗ୍ରାମର ଆଶିଷ ମଲ୍ଲିକ ନାମକ ଜଣେ ନିଶାସକ୍ତ ଯୁବକ ଭଗବାନ ମଲ୍ଲିକଙ୍କ ବାଛୁରୀକୁ ହାଣି ଦେଇଥିବା ଅଭିଯୋଗ ହୋଇଥିଲା । ଭଗବାନ ଗୋପାଳନ କରି ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ । ପ୍ରତିଦିନ ପରି ଭଗବାନ ନିଜ ଗାଇ ଓ ବାଛୁରୀକୁ ଏକ ଖୋଲା ପଡ଼ିଆରେ ଘାସ ଚରିବାକୁ ଛାଡ଼ି ଦେଇ ଆସିଥିଲେ । କିଛି ସମୟ ପରେ ପଡ଼ିଆରୁ ଜୋର୍‌ରେ ଶବ୍ଦ ଶୁଭିବାରୁ ଭଗବାନ ଯାଇ ଦେଖିଥିଲେ ଯେ, ଗାଇ ଘାସ ଚରୁଥିବା ବେଳେ ବାଛୁରୀଟି ଗାଇ ପାଖରେ ନଥିଲା । ତେଣୁ ଭଗବାନ ବାଛୁରୀକୁ ଖୋଜୁଥିବା ସମୟରେ ଆଶିଷ ଏକ ପନିକିରେ ବାଛୁରୀକୁ ଚେଟ ପରେ ଚେଟ ପକାଇ ଚାଲିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଛୁରୀଟି ତଳେ ଛଟପଟ ହେଉଥିବା ବେଳେ ଭବବାନଙ୍କୁ ଦେଖି ନିଶାସକ୍ତ ଆଶିଷ ସେଠାରୁ ପଳାଇ ଯାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ଗ୍ରାମରେ ବୈଠକ ପରେ ଅଭିଯୁକ୍ତର ଅମାନୁଷିକ କାଣ୍ଡକୁ ନେଇ ଗ୍ରାମବାସୀ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଘଟଣାସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ ଓ ବ୍ୟବହାର କରିଥିବା ହତିଆରକୁ ଜବତ କରି ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିଲେ । ଜମିବାଡ଼ି ହେଉ ବା ପୂର୍ବ ଶତୃତାକୁ କେନ୍ଦ୍ର କରି ଅକାଳରେ ଅନେକ ଜୀବନଦୀପ ଲିଭି ଯାଉଥିବା ବେଳେ ଏଥିରେ ରୋକ ଲଗାଇଛନ୍ତି ଜଣେ ୧୬ ମାସର ଶିଶୁ ଅନ୍ୱେଶ ଲେଙ୍କା । ଯେଉଁ ବୟସରେ ଖେଳକୁଦ କରି ଘରକୁ କମ୍ପାଇ ଦେଉଥିଲା, ସମସ୍ତଙ୍କର ପ୍ରିୟପାତ୍ର ଥିଲା । ହେଲେ ବିଧିର ବିଧାନ ଥିଲା ବିଚିତ୍ର । ଜନ୍ୱେଶ ଖାଇସାରି ଖେଳୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଏମ୍‌ସ ଶିଶୁ ବିଭାଗରେ ଭର୍ତି କରିଥିଲେ ଡାକ୍ତରଙ୍କ ପରୀକ୍ଷା ପରେ ଜନ୍ୱେଶ ଶ୍ୱାସକ୍ଲାନ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା । ଡାକ୍ତରଙ୍କ ତତ୍ତ୍ୱାବଧାନରେ ଜନ୍ୱେଶଙ୍କର ଚିକିତ୍ସା ଚାଲିଥିଲା । ଦୁଇ ସପ୍ତାହ ଆଇସିୟୁରେ ରହିବା ପରେ ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଜନ୍ୱେଶଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା । ଅନ୍ୟମାନଙ୍କୁ ଜୀବନ ଉପହାର ଦେବା ପାଇଁ ଡାକ୍ତରୀଦଳ ଅଙ୍ଗଦାନ ବିଷୟରେ ଜନ୍ୱେଶଙ୍କ ବାପା ମା’ଙ୍କୁ ପରାମର୍ଶ ଦେଇଥିଲେ । ବାପା, ମା’ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ । ଏହାପରେ ଡାକ୍ତରଙ୍କ ନେତୃତ୍ୱରେ ଦୁଇଜଣ ରୋଗୀଙ୍କୁ ଜନ୍ୱେଶଙ୍କ ଦୁଇଟି କିଡ୍‌ନୀ ଓ ଲିଭର ପ୍ରଦାନ କରାଯାଇଥିଲା । ମାତ୍ର ୧୬ମାସ ବୟସରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରି ଜନ୍ୱେଶ ଆରପାରିକୁ ଚାଲିଯିବା ପୂର୍ବରୁ ସାରା ଦୁନିଆ ପାଇଁ ଉଦାହରଣ ପାଲଟି ଯାଇଛନ୍ତି । ୧୯୯୧ ମସିହାରେ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ୧୩ ବର୍ଷୀୟା ନାବାଳିକା ସହ ଶାରୀରିକ ସମ୍ପର୍କ ରଖିଥିଲେ । ପରବର୍ତୀ ସମୟରେ ନାବାଳିକା ଗର୍ଭବତୀ ହେବାରୁ ଯୁବକଜଣଙ୍କ ତାଙ୍କୁ ଔଷଧ ଦେଇ ଗର୍ଭପାତ କରାଇଥିଲେ । ଏ ନେଇ ପୀଡ଼ିତାଙ୍କ ପିତା ଆନନ୍ଦପୁର ଏସ୍‌ଡିଜେଏମ୍ ଅଦାଲତରେ ଅଭିଯୋଗ ଦାୟର କରିଥିଲେ । ଆନନ୍ଦପୁର ସହକାରୀ ଦୌରାଜ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା । ୧୯୯୨ ମସିହା ଫେବୃଆରୀ ୧୨ ତାରିଖରେ ଅଦାଲତ ରାୟ ପ୍ରକାଶ କରି ଆଇପିସି ଦଫା ୩୧୩ ଓ ୪୯୩ରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ୍ ଓ ୧ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ । ସହକାରୀ ଦୌରାଜଜ ଅଦାଲତଙ୍କ ରାୟ ବିରୁଦ୍ଧରେ ଆବେଦନକାରୀ ୧୯୯୩ ମସିହା ଫେବୃଆରୀ ୨୨ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲା ବିଚାରଧୀନ ଥିବାବେଳେ ୧୯୯୩ ଅଗଷ୍ଟ ୩ ତାରିଖରେ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଇତିମଧ୍ୟରେ ୩୧ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଓ ଆବେଦନକାରୀ ଜାମିନର କୌଣସି ସର୍ତ ଉଲଙ୍ଘନ କରିନଥିବା ନେଇ ଅଭିଯୋଗ ନାହିଁ । ତେଣୁ ତଥ୍ୟ ଓ ପ୍ରମାଣ ଦୃଷ୍ଟିରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶରରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିନଥିଲେ ମଧ୍ୟ ବର୍ତ୍ତମାନ ଆବେଦନକାରୀଙ୍କୁ ୬୩ ବର୍ଷ ବୟସ ବିଚାରକୁ ନେଇ ପିଓ ଆଇନରେ ଥିବା ବ୍ୟବସ୍ଥାରେ ଯୁବକଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

*କଂଟ, ବାହାରଣା, ବାଲିକୁଦା, ଜଗତସିଂହପୁର-ମୋ : ୮୩୨୮୮୪୦୨୧୪*











# ଷଢ଼େଇକଳା-ଖରସୁଆଁରେ ଝାଡ଼ଖଣ୍ଡ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତା

ରାଇରଙ୍ଗପୁର : (ନିପ୍ର)-ବିହ୍ନିଆଂଚଳ ଖରସୁଆଁ ର 'ଭାଷା ଉତାନ ଏସୋସିଏସନ' ଆନୁକୂଲ୍ୟରେ ଏବଂ ଝାଡ଼ଖଣ୍ଡ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ (ରାଂଚି) ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ (ଭୁବନେଶ୍ୱର) ର ସହଯୋଗରେ ଝାଡ଼ଖଣ୍ଡ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତା : ୨୦୨୫-୨୬ ଗତ ୧୮ ମାର୍ଚ୍ଚରୁ ୨୧ ମାର୍ଚ୍ଚ ପର୍ଯ୍ୟନ୍ତ ଖରସୁଆଁଗଡ଼ ରାଜବାଟୀର ସିଂହଦ୍ୱାର ସମ୍ମୁଖ ଗୋପବନ୍ଧୁ ଚୌକରେ ଆୟୋଜିତ ହୋଇଯାଇଛି । ଚାରି ଦିନିଆ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତାର ପ୍ରଥମ ଦିନ 'ସବୁଜ ସଂଘ କଳାନିକେତନ' (କେରା) ପକ୍ଷରୁ ସାମାଜିକ ଓଡ଼ିଆ ନାଟକ 'କିଛିନେଲା ମନ କଳାନାଗର'; ଶ୍ରୀ ଶ୍ରୀ ମା' ମନସା ଅପେରା (ଦଲକି) ଦ୍ୱାରା 'ରାକ୍ଷୀ ଦେଇଗଲା ଆଖିରେ ଲୁହ'; ମା' ଶୀତଳା ଗୀତିନାଟ୍ୟ ସମାଜ (ଜାମକଣି, ବହାଡ଼ାଗୋଡ଼ା) ଦ୍ୱାରା 'ଶୀତଳା ମଙ୍ଗଳ ନାମ ଜଗତି ପାଲା' ଏବଂ ଗୋପବନ୍ଧୁ ପାଠାଗାର (ଖଞ୍ଜାମୌଦା) ର ନାଟକ ବିଭାଗ ଦ୍ୱାରା 'ଏ ଯୁଗର ବିଶଲ୍ୟକରଣୀ' ମଂଚସ୍ଥ ହୋଇଥିବା ଆସୋସିଏସନର ସଚିବ ନନ୍ଦ କୁମାର ପାଣ୍ଡେୟ ପ୍ରକାଶ କରିଛନ୍ତି । ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଖରସୁଆଁ ବିଧାୟକ ଦଶରଥ ଗାଗରାଇ, ସମାଜସେବୀ ବାସନ୍ତୀ ଗାଗରାଇ, ଷଢ଼େଇକଳା ମହାରାଜା ଆଦିତ୍ୟ ପ୍ରତାପ ସିଂହଦେବ, ଖରସୁଆଁର ରାଜା ଗୋପାଳ ନାରାୟଣ ସିଂହଦେବ ଓ ରାଣୀ ଅପରାଜିତା ସିଂହଦେବ, ବ୍ଲକ ପ୍ରମୁଖ (ଖରସୁଆଁ) ମନୀନ୍ଦ୍ର ଜାମୁଦା, ମୁଖିଆ (ଖରସୁଆଁ) ସୁନୀତା ତାପେ, ଉପମୁଖିଆ (ଖରସୁଆଁ) ସୁଶୀଳା ନାୟକ ଓ ମୁଖିଆ (କୋଜୋଡ଼ିହି) ମଙ୍ଗଲସିଂ ଜାମୁଦା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ, ଶ୍ରୀ ଗାଗରାଇ କହିଲେ, ଓଡ଼ିଆ ଭାଷା ଏବଂ ସଂସ୍କୃତିର ସଂରକ୍ଷଣ କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ । 'ଆମେ ଓଡ଼ିଆ ଭାଷାପ୍ରେମୀ ହୋଇଥିବାରୁ ଗର୍ବିତ ଏବଂ ଏବେ ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଓଡ଼ିଆ ଭାଷା ପରିଚୟକୁ ସୁଦୃଢ଼ କରିବା,



ଆମର ସମୃଦ୍ଧ ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ନୂତନ ପୀଢ଼ିକୁ ଆମ ଭାଷା ସହିତ ଯୋଡ଼ିବା ଏହି ପ୍ରତିଯୋଗିତାର ଅସଲ ଉଦ୍ଦେଶ୍ୟ ।' ସେ କହିଲେ ଓଡ଼ିଆ ଭାଷାର ସମୃଦ୍ଧି ଏବଂ ସୌନ୍ଦର୍ଯ୍ୟ ଆମ ସଂସ୍କୃତିକୁ ଅନନ୍ୟ କରି ଗଢ଼ି ତୋଳିଛି । ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଭାଷାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅତିଥିଗଣ ପୂର୍ବତନ ସାଂସଦ ୰ ରୁଦ୍ର ପ୍ରତାପ ଷଡ଼ଙ୍ଗୀ, ଝାଡ଼ଖଣ୍ଡ ରାଜ୍ୟ ସଂଖ୍ୟାଲଘୁ କମିଶନ ର ଦୁଇ ଉପାଧ୍ୟକ୍ଷ ପୂର୍ବତନ ବରିଷ୍ଠ ଆଇନଜ୍ଞ ୰ପି.କେ. ଦାସ ଓ ୰ଡ. ବିଏନ୍ କର ଏବଂ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଷଢ଼େଇକଳା ମହାରାଜା ଶ୍ରୀ ସିଂହଦେବ, ଓଡ଼ିଆ ବହୁଳ ଷଢ଼େଇକଳା-ଖରସୁଆଁ ଜିଲାର ଓଡ଼ିଆ ସ୍କୁଲରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଏବଂ ଓଡ଼ିଆ ପୁସ୍ତକ ବଂଟନ ପାଇଁ ଦାବି କରିଥିଲେ । ସେ ମଧ୍ୟ ଏକ ଓଡ଼ିଆ ଏକାଡେମୀ ପ୍ରତିଷ୍ଠା ପାଇଁ ଦାବି କରି କହିଲେ, ଓଡ଼ିଆ ଭାଷା ଏବଂ ସଂସ୍କୃତିର ସଂରକ୍ଷଣ ଏକ ଗର୍ବର ବିଷୟ । ଆମ ମହାନ ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଏବେବି ଜୀବିତ ରହିଛି । ସେ ଆହୁରି କହିଲେ, ତତ୍କାଳୀନ ବିହାର ସରକାର ଷଢ଼େଇକଳାର ଓଡ଼ିଆ ଭାଷା, କଳା ଓ ସଂସ୍କୃତିକୁ ଦମନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଝାଡ଼ଖଣ୍ଡ ବିହାରରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଜ୍ୟ ହେବା ପରେ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଖରସୁଆଁ ବିଧାୟକ ଅର୍ଜୁନ ମୁଣ୍ଡା ଓଡ଼ିଆକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରିଥିଲେ । ଖରସୁଆଁ ରାଜା ଶ୍ରୀ ସିଂହଦେବ କହିଲେ, ନିଜ ମାତୃଭାଷା, କଳା ଓ ସଂସ୍କୃତି ପ୍ରତି ସର୍ବଦା ଗଭୀର ମମତ୍ୱବୋଧ ରହିବା ଉଚିତ । ସେ କହିଲେ, ସମାଜର ବିକାଶ ପାଇଁ ସମର୍ପିତ ପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କ ସମଗ୍ର ଜୀବନ ଲୋକଙ୍କ ମଂଗଳ ପାଇଁ ଉତ୍ସର୍ଗ କରିଦେଇଥିଲେ । ଉତ୍କଳମଣି ଆମକୁ ଆମ ଭାଷା, କଳା ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ତଥା ପ୍ରଚାର, ପ୍ରସାର ପାଇଁ ପ୍ରେରଣା ଦେଇ ଆସିଥିଲେ । ସ୍ୱେଚ୍ଛାସେବୀ ମନବୋଧ ମିଶ୍ର, ନୃସିଂହ ପତି, ଶାମ୍ଭ ରାଉତ, ଜିତବାନ ମଣ୍ଡଳ, ସରୋଜ ମିଶ୍ର, ତନୁ ପାଣି ଓ କେଦାର ଦାସଙ୍କ ସମେତ ଅଗଣିତ ଓଡ଼ିଆପ୍ରେମୀ ନାଟ୍ୟ ମହୋତ୍ସବରେ ଉପସ୍ଥିତ ଥିଲେ ।

# ଆଶୀର୍ବାଦ କୋଚିଂ ସେଂଟରର ରୌପ୍ୟ ଜୟନ୍ତୀ ସମାରୋହ

## ✦ଶିକ୍ଷା ହିଁ ସମାଜର ଆଲୋକ ବର୍ତିକା: ନଗରପାଳ ଶୁଭେନ୍ଦୁ ସାହୁ

## ✦ଛାତ୍ର ଛାତ୍ରୀମାନେ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅନ୍ତୁ : ଦିଲ୍ଲୀପ ଦାସ

ଭୁବନ : ଭୁବନ ଅଂଚଳର ବହୁ ପୁରାତନ ଶିକ୍ଷାନୁଷ୍ଠାନ ଆଶୀର୍ବାଦ କୋଚିଂ ସେଂଟର ର ୨୫ ତମ ବାର୍ଷିକ ଉତ୍ସବ (ରୌପ୍ୟ ଜୟନ୍ତୀ ) ମହାସମାରୋହରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଅନୁ ଚରଣ ଦାସଙ୍କ ସଭାପତିତ୍ୱ ରେ ଭୁବନ ହାଇସ୍କୁଲ ପଡ଼ିଆରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଶିକ୍ଷା ହିଁ ସମାଜର ଆଲୋକ ବର୍ତିକା ଓ ଦର୍ପଣ । ଯେଉଁ ଅଂଚଳ ଯେତେ ଶିକ୍ଷିତ ସେହି ଅଂଚଳ ସେତେ ସମୃଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । ଆଶୀର୍ବାଦ କୋଚିଂ ସେଂଟର ପ୍ରତି ଆପଣ (ଅଭିଭାବକ)ମାନଙ୍କର ଆଶୀର୍ବାଦ ରହିଲେ ଅନୁଷ୍ଠାନ ଆହୁରି ଆଗକୁ ବଢ଼ିବ ବୋଲି ନଗରପାଳ ଶ୍ରୀ ସାହୁ କହିଥିଲେ । ମୁଖ୍ୟବକ୍ତା ଭାବେ ଭୁବନ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଯେଉଁ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଓ ଶିକ୍ଷାଦାନ ଯେତେ ଉନ୍ନତ ସେଠାରେ ଛାତ୍ର ଛାତ୍ରୀ ସେତେ ଉନ୍ନତି କରନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଶୀର୍ବାଦ କୋଚିଂ ସେଂଟର । ଏହି ଅନୁଷ୍ଠାନ ଭୁବନର ଗର୍ବ ଓ ଗୌରବ ପାଲଟିଛି । ଛାତ୍ର ଛାତ୍ରୀ ମାନେ ରାଷ୍ଟ୍ର ନିର୍ମାଣ ରେ ବ୍ରତୀ ହେବାକୁ ମୁଖ୍ୟବକ୍ତା ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଦର୍ଶ ଶିକ୍ଷକ ସତ୍ୟବାଦୀ ସେନାପତି, ବ୍ୟଙ୍ଗକବି ପ୍ରତାପ ରଶ୍ମି ନାୟକ, ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା କମଳ ଲୋଚନ ରଣା ଯୋଗଦେଇଥିଲେ । ଶିକ୍ଷକ ବସନ୍ତ ଦାସ ଓ ସୁଶାନ୍ତ କୁମାର ଦାସ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅନୁଷ୍ଠାନର ଶିକ୍ଷକ ରାମଚନ୍ଦ୍ର ନାୟକ,ମନ୍ମଥ ପତି,ସଞ୍ଜୟ ପ୍ରଧାନ,ସତ୍ୟ ପ୍ରକାଶ ପୃଷ୍ଟି,ଦିବ୍ୟ ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଜସ୍ମିନ୍ ପୃଷ୍ଟି, ପୂଜାରାଣୀ ସାହୁ ,ବିଶ୍ୱରେଖା ବେହେରା, ପୂଜାରାଣୀ ପୃଷ୍ଟି ଓ ପୁରାତନ ଛାତ୍ର ଛାତ୍ରୀ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ରୌପ୍ୟ ଜୟନ୍ତୀ ଅବସରରେ ସକାଳେ ଜଗନ୍ନାଥ ମନ୍ଦିର ଠାରୁ ଭୁବନ ହାଇସ୍କୁଲ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ୨୫ ଟି ବ୍ୟାଚର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବନ୍ଧୁ ମିଳନ ଓ ଫଟୋ ଉତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଫୁଲବାଣୀରେ ନନ୍-କ୍ୟାଡ଼ର ସରକାରୀ ଓକିଲ ତାଲିମ କାର୍ଯ୍ୟକ୍ରମ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫୁଲବାଣୀ ଆଇଟି ଡିଏ ସମ୍ମିଳନୀ କକ୍ଷରେ ଓଡିଶା ସରକାରଙ୍କ ଆଇନ ବିଭାଗ ଏବଂ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ପବ୍ଲିକ ପ୍ରସିକ୍ୟୁଟରମାନଙ୍କ ପାଇଁ ପ୍ରେରଣା ଏବଂ ପୁନଃତାଲିମ ଶିବିର କନ୍ଧମାଳର ଉପ ନିର୍ଦ୍ଦେଶକ ତ୍ରିଲୋଚନ ପରିଡାଙ୍କ ସଭାପତିତ୍ୱରେ କନ୍ଧମାଳ ଏସପି ହରିସ ବିଶିଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉଦଘାଟନ ଦିବସ ଅବସର ରେ ଅବସର ପ୍ରାପ୍ତ ପିପି ଅନିଲ କୁମାର ପ୍ରଧାନ, ଅତିରିକ୍ତ ଏସପି ବିଭୁତି ଭୂଷଣ ମହାପାତ୍ର, ପିପି ପୂର୍ଣ୍ଣଚନ୍ଦ୍ର ନାଗ ପ୍ରମୁଖ ମଂଚାସିନ ଥିଲେ । ଉକ୍ତ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଇନଗତ ଦକ୍ଷତା ବୃଦ୍ଧି କରିବା, ଅଦ୍ୟତନ ଆଇନର ଜ୍ଞାନ ସୁନିଶ୍ଚିତ କରିବା ଏବଂ ଫୌଜଦାରୀ ବିଚାରର ଦକ୍ଷତା ଉନ୍ନତ କରିବା ପାଇଁ ମାର୍ଗ ପ୍ରସ୍ତୁତ କରିବା । ଏହି କାର୍ଯ୍ୟକ୍ରମ ଗୁଡ଼ିକ ପ୍ରାୟତଃ ରାଜ୍ୟ ନ୍ୟାୟିକ ଏକାଡେମୀ, ଜାତୀୟ ନ୍ୟାୟିକ ଏକାଡେମୀ କିମ୍ବା ପୋଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ ଦ୍ୱାରା ପରିଚାଳିତ ହୋଇଥାଏ । ଯାହାକି ନୂତନ ଭାବରେ ନିଯୁକ୍ତ ପବ୍ଲିକ ପ୍ରସିକ୍ୟୁଟରମାନଙ୍କ ପାଇଁ ମୌଳିକ ଦକ୍ଷତା ଉପରେ ଧ୍ୟାନ କେନ୍ଦ୍ରିତ, ଯାହା ଫୌଜଦାରୀ ପ୍ରକ୍ରିୟା, ପ୍ରମାଣ ମୂଲ୍ୟାଙ୍କନ, କୋର୍ଟ ନୀତିଶାସ୍ତ୍ର ଏବଂ ବିଚାର କୌଶଳକୁ ଅନ୍ତର୍ଭୁକ୍ତ କରିବ । ଏଥିସହିତ ସେବାରେ ଥିବା ପବ୍ଲିକ ପ୍ରସିକ୍ୟୁଟରମାନଙ୍କ ପାଇଁ ଉଦ୍ଦିଷ୍ଟ, ଆଇନଗତ ପ୍ରକ୍ରିୟାରେ ଅଦ୍ୟତନ, ନୂତନ ଆଇନ (ଯେପରିକି ଫୌଜଦାରୀ ଆଇନରେ ସମ୍ପ୍ରତି ସଂଶୋଧନ), ଏବଂ ପବ୍ଲିକ ପ୍ରସିକ୍ୟୁଟରର ରଣନୀତିରେ ଥିବା ଫାଙ୍କକୁ ସମାଧାନ କରିବ । ଯଥା ପ୍ରଭାବଶାଳୀ ବିଚାର ପରିଚାଳନା । ସାକ୍ଷୀ ମାନଙ୍କର ପରୀକ୍ଷା (ପରୀକ୍ଷା-ଇନ୍-ଚିଫ୍, କ୍ରସ୍-ପରୀକ୍ଷା) । ପ୍ରମାଣର ପ୍ରଶଂସା ଏବଂ ମାମଲା ପ୍ରସ୍ତୁତି । ପୋକ୍ସୋ , ମାନବ ଚାଲାଣ, ଏବଂ ସାଇବର ଅପରାଧ ସହିତ ଜଡିତ ମାମଲା ପରିଚାଳନା । ନୂତନ ଫୌଜଦାରୀ ଆଇନ (୨୦୨୩) ସମ୍ବନ୍ଧୀୟ ତାଲିମ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଂଟ ନିର୍ଦ୍ଦେଶକ ରଶ୍ମିତା ମହାନନ୍ଦଙ୍କ ସମେତ ସମସ୍ତ ନୂତନ ପିପି ଏପିପି ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପିପି ପୂର୍ଣ୍ଣ ଚନ୍ଦ୍ର ନାଗ ପରିଚାଳନା କରିଥିଲେ ।

## ଫୁଲବାଣୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ଛାତ୍ରୀ ସୂଚନାଙ୍କ ସଫଳତା

କନ୍ଧମାଳ: ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କନ୍ଧମାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସୂଚନା ପ୍ରଧାନ ଶତକଡ଼ା ୮୯ ପ୍ରତିଶତ ନମ୍ବର ରଖି ୨୮ତମ ର୍ୟାଙ୍କରେ କୃତିତ୍ୱଲାଭ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଜିନ୍ନାଟା ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସୂଚନା ବର୍ତମାନ କନ୍ଧମାଳ କେନ୍ଦ୍ରୀୟ ବିଦ୍ୟାଳୟରେ ପଂଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଛାତ୍ରୀ ସୂଚନା ହେଉଛନ୍ତି 'ସମ୍ବାଦ'ର କନ୍ଧମାଳ ଜିଲ୍ଲା ପ୍ରତିନିଧି ଡ. ରଞ୍ଜନ ପ୍ରଧାନ ଏବଂ ପ୍ରଜ୍ଞା ପରିମିତା ପ୍ରଧାନଙ୍କ କନିଷ୍ଠ କନ୍ୟା । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରକାଶ ପାଇଛି ।

# ଗ୍ୟାସ ମହଜୁଦ ଅଛି, ଓଟିପି ଜରୁରୀ

ଜୟପୁର : କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ଏବଂ ଯଥେଷ୍ଟ ପରିମାଣରେ ମହଜୁଦ ଅଛି ବୋଲି ଗ୍ୟାସ ଏଜେନ୍ସି ତରଫରୁ ସୂଚନା ମିଳିଛି । ଖାଉଟିମାନେ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣୀଗିଡା ସ୍ଥିତ ଏଚପି ଗ୍ୟାସ ବିତରକ ଘନଶ୍ୟାମ ମହାନ୍ତିଙ୍କ ସୂଚନା ଅନୁଯାୟୀ, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ମୋଟ ଆଠଟି ବ୍ଲକର ୩୫ ହଜାର ୮ ଶହ ୬୦ ଜଣ ଗ୍ରାହାକ ଅଛନ୍ତି । କୋରାପୁଟ ଜିଲ୍ଲାର ଚାରିଟି ବ୍ଲକ ଯଥା ବୈପାରୀଗୁଡା, ଲମତାପୁଟ, କୁନ୍ଦୁରା, ନନ୍ଦପୁର ଏବଂ ମାଲକାନଗିରି ଜିଲ୍ଲାର ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା ଅଂଚଳ ପାଇଁ ଏଚପି ଗ୍ୟାସ ମହଜୁଦ ଅଛି । ଏମାନଙ୍କ ପାଇଁ ଗ୍ୟାସ ଯୋଗାଇ ଦେବାରେ କୌଣସି ଅସୁବିଧା ନାହିଁ କିନ୍ତୁ ଓଟିପି ଏବଂ ଇ-କେୟାସି ଜରୁରୀ ବୋଲି କହିଛନ୍ତି । ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଅଙ୍ଗନବାଡି, ସ୍କୁଲ, କଲେଜ ହଷ୍ଟେଲ ଶିକ୍ଷାନୁଷ୍ଠାନ ଭଳି ଅତ୍ୟାବଶ୍ୟକୀୟ ଅଣ-ଘରୋଇ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଭିତିରେ ଗ୍ୟାସ ଯୋଗାଇ ଦିଆଯାଉଛି । ଗତ ତା ୦୫-୦୩-୨୬ ରିଖ ଦିନ କେନ୍ଦ୍ର ସରକାର ନିର୍ଦ୍ଦେଶ ରହିଥିଲା ଯେ, ଗ୍ରାମାଂଚଳରେ ଘରୋଇ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଥିଲା କିନ୍ତୁ ଯୁଦ୍ଧ ପରିସ୍ଥିତିକୁ ଦେଖି ତାହା ଏବେ ୨୫ ଦିନରୁ ୪୫ ଦିନକୁ ବୃଦ୍ଧି କରାଯାଇଛି । ଜନ ସାଧାରଣ ଅଯଥା ଗ୍ୟାସ ଷ୍ଟକ୍ ନକରିବାକୁ ନିବେଦନ କରାଯାଇଛି ।

# ଭଗତ ସିଂ ଫାଶି ଦିବସ ପାଳିତ




ଖୋର୍ଦ୍ଧା : ସ୍ୱାଧୀନତା ସଂଗ୍ରାମର ଆପୋଷହୀନ ଧାରାର ମହାନ ସଂଗ୍ରାମି ଶହୀଦ୍-ଏ-ଆଜମ୍ ଭଗତ ସିଂଙ୍କ ୯୫ତମ ଫାଶି ଦିବସ ଆଲ୍ ଇଣ୍ଡିଆ ଡ଼େମୋକ୍ରାଟିକ୍ ଷ୍ଟୁଡ଼େଂଟସ୍ ଅର୍ଗାନାଇଜେସନ (ଏ.ଆଇ.ଡ଼ି.ଏସ୍.ଓ) ଖୋରଧା ଲୋକାଲ କମିଟି ପକ୍ଷରୁ ବଣିଆଟାଙ୍ଗିସ୍ଥିତ ରାୟରଙ୍ଗ ଠାରେ ପାଳନ କରାଯାଇଛି । ପ୍ରଥମେ ଭଗତ ସିଂଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟା ପ୍ରଦାନ ପରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ଏ.ଆଇ.ଡ଼ି.ଏସ୍.ଓ ଲୋକାଲ କମିଟି ସଭାପତି ଶ୍ରୀକାନ୍ତ ନାୟକ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ କିଭଳି ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରର ଅଧିନରୁ ଭାରତକୁ ମୁକ୍ତ କରିବା ଓ ସମସ୍ତ ପ୍ରକାର ଶୋଷଣ ଅତ୍ୟାଚରର ଅବସାନର ସ୍ୱପ୍ନ ନେଇ ହସି ହସି ଫାଶି ଦଉଡ଼ିକୁ ଆଲିଙ୍ଗନ କରି ଶହୀଦ ହୋଇଥିଲେ ଭଗତ ସିଂ ଓ ତାଙ୍କର ଦୁଇ ସହଯୋଦ୍ଧା ସୁଖଦେବ ଓ ରାଜଗୁରୁ ବୋଲି ଆଲୋଚନା କରିଥିଲେ । ଏଥିରେ ବହୁ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ଜନଜାତି ସୁରକ୍ଷା ମଂଚର ଦିଲ୍ଲୀଚାଲ ଅଭିଯାନ ଏବଂ ବୈଠକ

ଜୟପୁର : ବନବାସୀ କଲ୍ୟାଣ ଆଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ ଜିଲ୍ଲା ଜନଜାତି ସୁରକ୍ଷା ମଂଚର ଏକ ବୈଠକ ଜିଲ୍ଲା ସଭାପତି ବାଲାଜି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ପ୍ରାନ୍ତ ସଂଯୋଜକ ରତିକାନ୍ତ ସାହୁ ଦିଲ୍ଲୀ ଚାଲ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବ୍ୟବସ୍ଥା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ । ଜନଜାତି ମାନଙ୍କ ମୌଳିକ ସ୍ୱାର୍ଥକୁ ସୁରକ୍ଷା ଦେବା ନିମନ୍ତେ, ସମ୍ବିଧାନର ୩୪୧ ଧାରାକୁ କଡାକଡି ପାଳନ ନିମନ୍ତେ ତଥା ମୂଳ ଜନଜାତିର ଲୋକଙ୍କୁ ଧର୍ମାନ୍ତରିତ ସୁବିଧାବାଦୀ ଜନଜାତିଙ୍କ ସ୍ୱାର୍ଥକବଳରୁ ମୁକ୍ତି ନିମନ୍ତେ ଅଖିଳ ଭାରତୀୟ ଜନଜାତି ସୁରକ୍ଷା ମଂଚ ତରଫରୁ ମଇ ୨୪ ତାରିଖ ଦିନ ଦିଲ୍ଲୀରେ ପ୍ରାୟ ଦୁଇ ଲକ୍ଷ ଲୋକଙ୍କ ସମାବେଶ ହେବ ବୋଲି ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ବିଭାଗର ସହପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ସୂଚିତ କରାଇଥିଲେ । କୋରାପୁଟ ଜିଲ୍ଲାରୁ ୧୦୦ ଜଣ ତଥା ଅବିଭକ୍ତ କୋରାପୁଟ ଜିଲ୍ଲାରୁ ୨୫୦ ଜଣ ଦିଲ୍ଲୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସଂଯୋଜକ ଚିତ୍ରସେନ ଭୁମିୟା ପ୍ରକାଶ କରିଥିଲେ । ସହ-ସଂଯୋଜକ ସଦା ଭୂମିଆଁ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ଦହଣା ଘିଉରିଆ, ଦ୍ରୌପଦୀ ନାୟକ, ଦୁର୍ଲ୍ଲଭ ମାଳି ଏବଂ ବିକାଶ ଚାଲାଣ ପ୍ରମୁଖ ଜନଜାତି କାର୍ଯ୍ୟକର୍ତା। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ଦ୍ୱିତୀୟ ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭବାନୀପାଟଣା : ଭବାନୀପାଟଣା ବ୍ଲକ ଗୁର୍ଜୁଙ୍ଗ ରାଧା କୃଷ୍ଣ ମଣ୍ଡପ ଠାରେ ଦ୍ୱିତୀୟ ବର୍ଷ ଅଷ୍ଟ ପ୍ରହର ନାମଯଜ୍ଞ ଉଦଯାପିତ ହୋଇଛି । ଏହି ନାମଯଜ୍ଞରେ ଗତ ଗୁରୁବାର ଦିନ ଉଡ଼ନ୍ତି ନଦୀରୁ କଳସ ପାଣି, କଳସ ଯାତ୍ରା କରାଯାଇଥିଲା । ଗ୍ରାମର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ ଏବଂ ଶୁକ୍ରବାର ସକାଳ ୮ଟା ରୁ ନାମଯଜ୍ଞ ଆରମ୍ଭ ହୋଇଥିଲା । କର୍ତା ଧନଞ୍ଜୟ ମାଝୀ ଥିଲେ । ପୂଜକ ବସନ୍ତ କର ଓ ଅନ୍ୟାନ୍ୟ ପୁରୋହିତମାନେ ନାମଯଜ୍ଞରେ ପୂଜାର୍ଚନା ମନ୍ତ୍ର ପାଠ କରିଥିଲେ । ଏହି ନାମଯଜ୍ଞରେ ୭ଗୋଟି କୀର୍ତନ ଦଳ ଅଂଶଗ୍ରହଣ କରିଥିବା ବେଳେ କୁବୁଡି ଓ ନାସିଗାଁ ଦଳରେ ମହିଳା ମାନେ ନାମ କୀର୍ତନ କରିଥିଲେ ଏବଂ ମହେନ୍ଦ୍ରପୁର, ଭବାନୀପାଟଣା, ଛୁଇଲ ସର, ଘଂଟସଡ଼ା ଓ ନିଜ ଗାଁ ଗୁର୍ଜୁଙ୍ଗ ଗ୍ରାମର ପୁରୁଷମାନେ କୀର୍ତନ ପରିବେଷଣ କରି ହରି ନାମ ମହାମନ୍ତ୍ରକୁ ଗାନ କରି ଭକ୍ତଙ୍କୁ ଆଧ୍ୟାତ୍ମିକ ଭାବନାରେ ବିମୋହିତ କରିଥିଲେ ଏବଂ ଆଜି ପୂର୍ଣ୍ଣାହୁତି ଦହି ହାଣ୍ଡି ଭଙ୍ଗା ଯାଇ ନଗର କୀର୍ତନ ସହ ଘର ଘର ବୁଲି ବନ୍ଦାପନା କରାଯାଇଛି । ଏହି ନାମଯଜ୍ଞରେ ଅନ୍ନଛତ୍ର ଖୋଲି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଯଜ୍ଞ କମିଟିର ପର୍ଶୁରାମ ନାଏକ, ବସନ୍ତ ଶବର, ଚିତ୍ରସେନ ଶବର, ଫକୀର ମାଝୀ, ମଦନ ମାଝୀ, ନିର୍ଦ୍ଧନୀ ଶବର, ପ୍ରଦୀପ ପାୟସିଂଙ୍କ ସମେତ ମଧୁସୂଦନ ମାଝୀ ଓ ଜୟକୃଷ୍ଣ ବେହେରା କାର୍ଯ୍ୟସୂଚୀ ପରିଚାଳନା କରିଥିଲେ ।

# ଓଡିଆ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ସ୍ୱର କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ସମାରୋହ

ଜୟପୁର : ଜୟପୁର ସ୍ଥିତ ଏସ୍‌ଆର୍ ମଲ୍‌ର କନଭେନସନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ବାସୁଦେବ ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବିତା ହେଉଛି କରୁଣାର ପ୍ରତିବେଦନ, ଆଉ କବି ବଳରାମ ପୂଜାରୀଙ୍କ କବିତା ବଂଚିତ ବର୍ଗର କରୁଣାର କଥା କହୁଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ପରମେଶ୍ୱର ମୁଣ୍ଡ ଓ କବି ଡ ପ୍ରୀତିଧାରା ସାମଲ ଯୋଗଦେଇ ବଳରାମ ପୂଜାରୀଙ୍କ ସାହିତ୍ୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତିତ୍ୱ କରିଥିଲେ କବି ତଥା ପ୍ରଶାସକ ଧର୍ମରାଜ ମାଝୀ । ଏହି ଅବସରରେ ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛାଙ୍କୁ ପ୍ରଥମ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ - ୨୦୨୬' ପ୍ରଦାନ କରାଯାଇଥିଲା । ସମ୍ମାନ ବାବଦରେ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରାଗଲା । ଏହି ଅବସରରେ କବି ବଳରାମ ପୂଜାରୀଙ୍କୁ ସମର୍ପିତ କରି 'କବିତା କୋରାପୁଟ' ନାମରେ ଏକ ସ୍ୱତନ୍ତ୍ର କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ସାହିତ୍ୟିକ ହରିହର କରସୂଧା ପଟ୍ଟନାୟକ ସଭାପତିତ୍ୱ, ଡ଼. ମୋନରଞ୍ଜନ ପ୍ରଧାନ ସମ୍ମାନୀୟ ଅତିଥି ଭାବେ ପ୍ରଥମ କବିତା ପାଠକୁ ପରିଚାଳନା କରିଥିଲେ । ରବି ଶତପଥୀ, ମାଧୁରୀ ପଣ୍ଡା, ଏମ୍. ହିମାଂଶୁ ଆଚାରୀ, ଅଶୋକ ମହାରଣା କବିତାପାଠ କରିଥିବା ବେଳେ ଓମପ୍ରକାଶ ମିଶ୍ର ସମୀକ୍ଷା କରିଥିଲେ । ପୁଷ୍ପାଞ୍ଜଳି ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସଂଯୋଜନାରେ କାର୍ଯ୍ୟକ୍ରମ ହେଇଥିବା ବେଳେ ସବ୍ୟସାଚୀ ବିଷୋୟୀ, ଭଗବାନ ସାହୁ, ରୁଦ୍ରାଭିଷେକ ପୂଜାରୀ ପ୍ରମୁଖ ପରିଚାଳନା କରିଥିଲେ ।

# ବିରି ଗୁଣ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ : ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବିରି ଔଷଧ ଭାବରେ କେମିତି ବ୍ୟବହାର କରିପାରିବେ କହିଥିଲେ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ ବିରିଜାଇ ସିଝାଇ ପୋଟଳି କରି ଗଣ୍ଠିବାତରେ ସେକ ଦେବେ, ବିରଜାଇ ଡାଲି ଖାଇଲେ ପକ୍ଷାଘାତ, ନାଡୀ ଦୁର୍ବଳ, ଅରୁଚି, ବିବନ୍ଧ, ଉଦରଶୂଳ, ମୂତ୍ରକୃଚ୍ଛ୍ର ପାଇଁ ହିତକର । ଅନାର୍ତବ, ଧ୍ୱଜଭଙ୍ଗ, ମାତୃସ୍ତନ୍ୟ କମ୍ ହେଲେ ଗୁଡ଼ କ୍ଷୀର ସହ ପାୟସ କରି ଖାଇବ । ବିରି ପାମ୍ପଡ଼ ରାଶିତେଲରେ ଛାଣି ଖାଇଲେ ଅଂଟାବ୍ୟଥା ଭଲ ହୁଏ । ବିରିସିଝା ଶୁଣ୍ଠି ଚୂର୍ଣ୍ଣ ସହ ଖାଇଲେ ପକ୍ଷାଘାତ, ହଳଦୀ ଗୁଣ୍ଡ ସହ ଖାଇଲେ ପ୍ରମେହ, ବିରିଜାଇ କ୍ୱାଥ ନାକରେ ପକାଇଲା ବିଶ୍ୱାଚି ଭଲ ହୋଇଯାଏ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର ।

# ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଆଜି ବିନିକା ପଂଚାୟତ ସମିତି ଅନ୍ତର୍ଗତ ବାଉଁଶୂଣି ଗ୍ରାମପଂଚାୟତ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ରାଜେନ୍ଦ୍ର ମାଝୀ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୧୩୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା । ୨୧ ଗୋଟି ଅଭିଯୋଗ ପତ୍ର ଅଭିଯୋଗ ଶୁଣାଣି ସମୟରେ ଫଇସଲା କରାଯାଇଥିଲା । ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳଙ୍କ ପ୍ରତିନିଧି, ଡେପୁଟି କଲେକ୍ଟର, ସିଦ୍ଧାର୍ଥ ଶେଖର ଦାଶ, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ଦୟାରାମ ମେହେର, ସରପଂଚ, ବାଉଁଶୂଣି, ଗ୍ରାମପଂଚାୟତ ଶ୍ରୀମତି ରୀନା ମହଲା, ପଂଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ଧାରୁଆ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।

# ପାନ ଦୋକାନରୁ ମଦ ଜବତ

ଜୟପୁର : ଦେଶି ଓ ବିଦେଶି ମଦ ବିକ୍ରି କରୁଥିବା ଅଭିଯୋଗ ରେ କୋରାପୁଟ ଜିଲ୍ଲା ଜୟପୁର ସଦର ପୋଲିସ ଚଢାଉ କରିଛି । ସୁଚନା ଅନୁଯାଇ ଜୟପୁର ସଦର ପୋଲିସ ଏସଆଇ ବୁଲୁ ତାଣ୍ଡି ଲିଖିତ ଅଭିଯୋଗ କରିଥିଲେ । ପୋଲିସ ପେଟ୍ରୋଲିଂ ସହ ଅବକାରି ଚଢାଉ କରୁଥିଲେ । ଅଭିଯୁକ୍ତ ଫାମ୍ପୁଣି ଗ୍ରାମର ନାବାଳକ କୁ କାବୁ କରିଛି । ବେଆଇନ ଭାବେ ବିଦେଶି ମଦ ବିକ୍ରୟ କରୁଥିଲେ । ପାନ ଦୋକାନରେ ରଖି ବିକ୍ରୟ କରୁଥିଲେ । ସୁଚନା ପାଇ ଚଢାଉ କରିଥିଲେ । ବିଭିନ୍ନ ବ୍ରାଣ୍ଡର ୧୪.୦୭୫ ଲିଟର ବିଦେଶି ମଦ, ସହ ୪.୪ ଦେଶି ମଦ, ୪୦ ପ୍ଲାଷ୍ଟିକ ଗ୍ଲାସ ଜବତ କରିଛି । ବିନା ଲାଇସେନ୍ସରେ ବିକ୍ରୟ କରୁଥିଲେ । ନାବାଳକର ବାପା କେଶବ ନାୟକ ମେଡିକାଲରେ ଭତି ହୋଇଛନ୍ତି । ବାପାଙ୍କ ନିଦ୍ଦେଷ ପ୍ରକାରେ ପୁଅ ବିକ୍ରି କରୁଥିଲେ । ଏନେଇ ପୋଲିସ ଅଭିଯୁକ୍ତ କେଶବ ନାୟକ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି ।

# ଭାରତର ଏଚପିଭି ଟିକାକରଣର ଶୁଭାରମ୍ଭ ଗର୍ଭାଶୟ କର୍କଟ ରୋଗ ଦୂରୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ

ଡକ୍ଟର ଗୌରବୀ ମିଶ୍ର

୨୦୨୬ ମସିହା ଫେବ୍ରୁଆରୀ ୨୮ ତାରିଖ ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟସେବା ଇତିହାସରେ ଏକ ନିର୍ଣ୍ଣାୟକ ଓ ଐତିହାସିକ ମାଇଲଖୁଂଟ ଭାବେ ଚିହ୍ନିତ ହେଲା । ସେହି ଦିନ ଦେଶବ୍ୟାପୀ ଭାବେ କିଶୋରୀ କନ୍ୟାମାନଙ୍କ ପାଇଁ ମାନବ ପାପିଲୋମାଭାଇରସ (ଏଚପିଭି) ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଥିଲା । ଏହି ପଦକ୍ଷେପ କେବଳ ଏକ ନୂତନ ଟୀକା ପ୍ରଚଳନରେ ସୀମିତ ନୁହେଁ; ବରଂ ଏହା ମହିଳା ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବା ଓ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବାକୁ ଦୃଢ଼ କରିବାରେ ଭାରତର ସଙ୍କଳ୍ପକୁ ପ୍ରତିଫଳିତ କରେ । ଏହି ଅଭିଯାନ ଗର୍ଭାଶୟ କର୍କଟ ଭଳି ଗୁରୁତର କିନ୍ତୁ ପ୍ରତିରୋଧଯୋଗ୍ୟ ରୋଗକୁ ନିରାକରଣ କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ । ଚିକିତ୍ସା ବିଜ୍ଞାନ କୁହେ ଯେ, ସମୟୋଚିତ ଟୀକାକରଣ ମାଧ୍ୟମରେ ଏହି ରୋଗକୁ ବ୍ୟାପକ ଭାବେ ରୋକାଯାଇପାରେ । ତଥାପି ଦୁର୍ଭାଗ୍ୟବଶତଃ ଭାରତରେ ପ୍ରତିବର୍ଷ ହଜାର ହଜାର ମହିଳା ଗର୍ଭାଶୟ କର୍କଟରେ ପୀଡ଼ିତ ହେଉଛନ୍ତି ଏବଂ ଅନେକ ଜୀବନ ଅକାଳରେ ନିଃଶେଷ ହେଉଛି । ଏହି ପରିସ୍ଥିତିରେ ଏଚପିଭି ଟୀକାକରଣ କାର୍ଯ୍ୟକ୍ରମ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରତିରୋଧ ମୂଳକ ଚିକିତ୍ସା ଦିଗକୁ ଆଗେଇ ନେବା ସହ ଆଗାମୀ ପିଢ଼ିର କିଶୋରୀମାନଙ୍କୁ ଏକ ସୁରକ୍ଷିତ ଓ ସ୍ୱାସ୍ଥ୍ୟସମ୍ପନ୍ନ ଭବିଷ୍ୟତ ଦେବାରେ ମୂଲ୍ୟବାନ ଭୂମିକା ନେବ । ବିଶ୍ୱ ସ୍ତରରେ ଗର୍ଭାଶୟ କର୍କଟ ରୋଗ ହେଉଛି ମହିଳାମାନଙ୍କ ମଧ୍ୟରେ ଦେଖା ଦେଉଥିବା ଚତୁର୍ଥ ସର୍ବାଧିକ ସାଧାରଣ କର୍କଟ ରୋଗ (ଆଇଏଆରସି, ଗ୍ଲୋବୋକନ, ୨୦୨୨ର ଆକଳନ ଅନୁସାରେ) ଯେଉଁଥିରେ ପ୍ରତି ବର୍ଷ ପ୍ରାୟ ୬୬୦ ହଜାର ନୂତନ ରୋଗ ସଂକ୍ରମଣ ଘଟଣା ନଜରକୁ ଆସିଥାଏ ଏବଂ ଏଥିରେ ପ୍ରାୟ ୩୫୦ ହଜାର ପୀଡ଼ିତାଙ୍କର ଅକାଳରେ ମୃତ୍ୟୁ ଘଟିଥାଏ । ଯଦିଓ ଅନେକ ଉଚ୍ଚ ଆୟକାରୀ ଦେଶମାନଙ୍କରେ ଏହାର ସ୍କ୍ରିନିଂ ଏବଂ ଟୀକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭାଶୟ କର୍କଟ ରୋଗ ମାତ୍ରାକୁ ନିୟନ୍ତ୍ରଣ କରାଯାଇପାରିଛି, ତଥାପି ଆମ ଦେଶରେ ଏହାର ମାତ୍ରା ବେଶ ଅଧିକ ରହିଛି । ଭାରତ ବିଶ୍ୱ ସ୍ତରରେ ସବୁଠାରୁ ଏହାର ଭାରୀ ଚାପକୁ ବହନ କରିଆସୁଛି । ଗର୍ଭାଶୟ କର୍କଟ ରୋଗ ହେଉଛି ଭାରତୀୟ ମହିଳାମାନଙ୍କ ଠାରେ ପରିଲକ୍ଷିତ ହେଉଥିବା ସବୁଠାରୁ ସାଧାରଣ କର୍କଟ ରୋଗ ଏବଂ ସାମଗ୍ରିକ ଭାବରେ ବିଚାର କରି ଦେଖିଲେ ଆମ ଦେଶରେ ଏହା ତୃତୀୟ ସର୍ବାଧିକ କର୍କଟ ରୋଗ । ପ୍ରତି ବର୍ଷ ଭାରତରେ ଏହି ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୭୮ ହଜାରରୁ ଅଧିକ ନୂଆ ସଂକ୍ରମଣ ମାମଲା ନଜରକୁ ଆସୁଥିବାବେଳେ ଏଥିରେ ପ୍ରଭାବିତ ହୋଇ ପ୍ରାୟ ୪୩ ହଜାର ରୋଗୀ ମୃତ୍ୟୁବରଣ କରୁଥିବା ଜଣାପଡ଼େ । ଏହା କେବଳ ଏକ ସଂଖ୍ୟା ନୁହେଁ; ଏହାକୁ ଦେଶର ମାତା, କନ୍ୟା, ପତ୍ନୀ ଏବଂ ଭଉଣୀମାନଙ୍କୁ ପ୍ରତିନିଧିତ୍ୱ କରନ୍ତି ଯେଉଁମାନଙ୍କ ଜୀବନ ଏକ ପ୍ରତିରୋଧକ୍ଷମ ରୋଗ ଦ୍ୱାରା ସଂକ୍ରାମିତ ହୋଇଛି । ଅଧିକାଂଶ ସର୍ଭାଇକାଲ କର୍କଟ ରୋଗ ମାନବ ପାପିଲୋମାଭାଇରସ (ଏଚପିଭି) ସହିତ ଜନନେନ୍ଦ୍ରିୟର ସଂକ୍ରମଣ ଯୋଗୁ ହୋଇଥାଏ । ତେଣୁ ଅନ୍ୟ କର୍କଟ ପରିବର୍ତ୍ତେ, ସର୍ଭାଇକାଲ କର୍କଟ ହେବାର ଆଶଙ୍କାକୁ ପରିବର୍ତ୍ତନ ଏବଂ ହ୍ରାସ କରାଯାଇ ପାରିବ । ଏହି ରୋଗ ସଂକ୍ରମଣ ଫଳରେ ଥିବା ବିପଦଗୁଡ଼ିକ ମଧ୍ୟରେ କମ୍ ବୟସରେ ବିବାହ କରିବା, କମ୍ ବୟସରୁ ଯୌନ କାର୍ଯ୍ୟକଳାପ ଆରମ୍ଭ କରିବା, ଏକାଧିକ ଥର ଗର୍ଭଧାରଣ, ତମାଖୁ ସେବନ, ଦୁର୍ବଳ ଜନନେନ୍ଦ୍ରି ପରିଚ୍ଛନ୍ନତା ଆଦି ଅନ୍ତର୍ଭୁକ୍ତ, ଯାହା ସବୁପ୍ରକାର ଏଚପିଭି ସଂକ୍ରମଣର ଆଶଙ୍କା ବୃଦ୍ଧି ସହିତ ଅଧିକତର ଭାବରେ ଜଡ଼ିତ । ତେଣୁ ଏହିସବୁ ବିପଦମାନଙ୍କ କାରକଗୁଡ଼ିକ ମଧ୍ୟରୁ ଅଧିକାଂଶ ସଚେତନତା ବୃଦ୍ଧି, ସ୍କ୍ରିନିଂ ଏବଂ ଟୀକାକରଣ ମାଧ୍ୟମରେ ସମାଧାନ କରାଯାଇ ପାରିବ, ଯାହା ପ୍ରମାଣିତ କରେ ଯେ ସର୍ଭାଇକାଲ କର୍କଟ ରୋଗ ପ୍ରତିରୋଧର ସୂତ୍ରଟି ଆମମାନଙ୍କ ନିକଟରେ ଉପଲବ୍ଧ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ବିଶ୍ୱ ସ୍ତରରେ ସର୍ଭାଇକାଲ କର୍କଟ ରୋଗକୁ ପ୍ରଥମ କର୍କଟ ଭାବରେ ଘୋଷଣା କରିଛି । ଏଥି ସହିତ ଏହି ରୋଗର ଏକ ସ୍ପଷ୍ଟ ନିରାକରଣ ଲକ୍ଷ୍ୟ ମଧ୍ୟ ଡବ୍ଲୁ.ଏଚ.ଓ. ପକ୍ଷରୁ ସ୍ଥିର କରାଯାଇଛି । ପ୍ରତି ବର୍ଷ ପ୍ରତି ୧୦୦ ହଜାର ମହିଳାଙ୍କ ନିମନ୍ତେ ଚାରିଗୋଟି ନୂତନ ମାମଲା (ରୋଗ ସଂକ୍ରମଣ)କୁ ହ୍ରାସ କରିବା ସେଥି ମଧ୍ୟରୁ ସର୍ବପ୍ରଥମ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱବ୍ୟାପୀ ନିରାକରଣ ଅଭିଯାନ "୯୦ – ୭୦- ୯୦" ରଣନୀତିକୁ ଆକାର ପ୍ରଦାନ କରେ । ୧୫ ବର୍ଷ ବୟସ ସୁଦ୍ଧା ୯୦ ପ୍ରତିଶତ କିଶୋରୀମାନଙ୍କୁ ଏଚପିଭି ଟୀକା ପ୍ରଦାନ ସହିତ ଟୀକାକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ୩୦ ବର୍ଷ ଏବଂ ଅଧିକ ବୟସର ୭୦ ପ୍ରତିଶତ ମହିଳାଙ୍କୁ ଉଚ୍ଚ ମାନର ପରୀକ୍ଷା ସହିତ ସ୍କ୍ରିନିଂ କରାଯିବ ଏବଂ ରୋଗ ଚିହ୍ନଟ ହୋଇଥିବା ୯୦ ପ୍ରତିଶତ ମହିଳାଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯିବ । ଭାରତର ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭରୁ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଗୃହୀତ ହୋଇଛି । ଆମେ ଏହାର କାରଣ ଜାଣୁ ରୋଗ ପ୍ରଗତିରେ ପ୍ରାକୃତିକ ଇତିହାସ ମଧ୍ୟ ଆମେ ବୁଝିପାରୁ, ଆମ ନିକଟରେ ଏହାର ନିରାକରଣ ନିମନ୍ତେ ପ୍ରଭାବୀ ଟୀକା ଉପଲବ୍ଧ ରହିଛି, ଆମେ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ମାଧ୍ୟମରେ ପ୍ରାରମ୍ଭିକ ପୂର୍ବ-ଆକ୍ରାନ୍ତ ପର୍ଯ୍ୟାୟରେ ସର୍ଭାଇକାଲ କର୍କଟ ଚିହ୍ନଟ କରିପାରିବା ଏବଂ ସମୟୋଚିତ ଭାବରେ ଚିହ୍ନଟ ହେଲେ ଆମେ ଏହି ରୋଗର ସଫଳ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ମଧ୍ୟ କରିପାରିବା । ଏଚପିଭି ଟୀକାର ଏକ ଦୃଢ଼ ବିଶ୍ୱ ସୁରକ୍ଷା ରେକର୍ଡ ରହିଛି । ଏହି ଟୀକା ନେଲେ ସବୁଠାରୁ ସାଧାରଣ ଭାବରେ ଦେଖାଯାଉଥିବା ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ସାମାନ୍ୟ ଯନ୍ତ୍ରଣା, ଶରୀର ସାମାନ୍ୟ ଲାଲ ହେବା ଏବଂ ବାହୁରେ ଯେଉଁଠାରେ ଟୀକାଟି ଦିଆଯାଇଥାଏ ସେଠାରେ ସାମାନ୍ୟ ଫୁଲାପଣ ଦୃଶ୍ୟ ହେବା । ଅନ୍ୟାନ୍ୟ ଟୀକା ପରି ଏହି ଟୀକା ନେଇଥିବା କିଶୋରୀମାନେ ସାମାନ୍ୟ ମୁଣ୍ଡ ଘୂରାଇବା ମଧ୍ୟ ସ୍ଥଳ ବିଶେଷରେ ଅନୁଭବ କରିପାରନ୍ତି । ତେଣୁ ବସିବା ଏବଂ ଶୋଇବା ଅବସ୍ଥାରେ ହିଁ ଟୀକା ପ୍ରଦାନ କରିବା ଏବଂ ତା'ପରେ ୧୫ ମିନିଟ ପର୍ଯ୍ୟନ୍ତ ଟୀକା ଗ୍ରହଣକାରୀଙ୍କୁ ଶୁଆଇ ରଖାଯାଇ ସେମାନଙ୍କୁ ନିରୀକ୍ଷଣ କରିବା ସବୁଠାରୁ ସହଜ ପନ୍ଥା । କାରଣ ଯଦି ଟୀକା ନେବା ପରେ ମୁଣ୍ଡ ଘୂରାଇଦିଏ ତେବେ ପଡ଼ିଯିବା ଭଳି ଆଶଙ୍କାକୁ ସହଜରେ ଟାଳି ଦିଆଯାଇ ପାରିବ । ଗର୍ଭାଶୟ କର୍କଟ ଟିକାକୁ ପ୍ରଥମେ ୨୦ ବର୍ଷ ତଳେ ଲାଇସେନ୍ସ ମିଳିଥିଲା ଏବଂ ଏହା ଲାଇସେନ୍ସ ପାଇବା ପରେ ଏହାକୁ ବିଧିବଦ୍ଧ ତଥା କଡାକଡ଼ି ଭାବରେ ଯାଂଚ କରାଯାଇ ଏହାର ମୂଲ୍ୟାଙ୍କନ କରାଯାଇଥିଲା । ବିଶ୍ୱର ୧୪୦ରୁ ଅଧିକ ଦେଶ ଏଚପିଭି ସଂକ୍ରମଣ ବୃଦ୍ଧିକୁ ରୋକିବା ନିମନ୍ତେ ଏଭଳି ଟୀକାକରଣକୁ କାର୍ଯ୍ୟକାରୀ କରିଛନ୍ତି । ବିଶ୍ୱବ୍ୟାପୀ ପ୍ରଦାନ କରାଯାଉଥିବା ଲକ୍ଷ ଲକ୍ଷ ଡୋଜର ତଥ୍ୟ ସୁରକ୍ଷା ଏବଂ ପ୍ରଭାବଶାଳୀତା ଏହା ସୁନିଶ୍ଚିତ କରିଛି । ଏହି ଟୀକା ଅତି ମାତ୍ରାର ବିପଦପୂର୍ଣ୍ଣ ମାନବ ପାପିଲୋମା ଭାଇରସର ପ୍ରକାର ବିଶେଷ କରି ଏଚପିଭି ୧୬ ଏବଂ ୧୮ରୁ ସୁରକ୍ଷା ପ୍ରଦାନ କରିଥାଏ ଯାହା ମିଳିତ ଭାବରେ ପ୍ରାୟ ୭୦ ପ୍ରତିଶତ ସର୍ଭାଇକାଲ କର୍କଟ ରୋଗର ମୂଳ କାରଣ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ଦେଶବ୍ୟାପୀ ଏଚପିଭି ଟୀକାକରଣ ଅଭିଯାନ ପରେ ଅଷ୍ଟ୍ରେଲିଆ, ବ୍ରିଟେନ ଏବଂ ସ୍ୱିଡେନ୍ ଭଳି ଦେଶମାନଙ୍କରେ ଏଚପିଭି ସଂକ୍ରମଣ, ପୂର୍ବରୁ ଥିବା କର୍କଟ ରୋଗ ଏବଂ ସାମଗ୍ରିକ ଭାବରେ ସର୍ଭାଇକାଲ କର୍କଟ ରୋଗ ହାରରେ ଉଲ୍ଲେଖନୀୟ ହ୍ରାସ ସଫଳତା ହାସଲ କରାଯାଇ ପାରିଛି । ବିଶ୍ୱବ୍ୟାପୀ ଏଚପିଭି ଟୀକାକରଣ ଏବେ ସୁଦ୍ଧା ସର୍ଭାଇକାଲ କର୍କଟରୁ ପ୍ରାୟ ଦଶ ଲକ୍ଷ ରୋଗୀଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିପାରିଛି । ବିଗତ ଦଶନ୍ଧିରେ ଏହାର ସବୁଠୁ ମହତ୍ୱପୂର୍ଣ୍ଣ ସଫଳତାର ପ୍ରମାଣ ପ୍ରାପ୍ତ ହୋଇଛି । ଏ ସଂକ୍ରାନ୍ତରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଏଚପିଭି ଟୀକାର ଗୋଟିଏ ଡୋଜ୍ ମଧ୍ୟ କିଶୋରୀମାନଙ୍କୁ ଦୀର୍ଘକାଳୀନ ସୁରକ୍ଷା ପ୍ରଦାନ କରିଥାଏ । ଏହା ବ୍ୟତୀତ ୧୫ ବର୍ଷରୁ ଅଧିକ କ୍ଲିନିକାଲ ପରୀକ୍ଷଣ ଏବଂ ପରବର୍ତ୍ତୀ ଅଧ୍ୟୟନ ମଧ୍ୟ ରହିଛି । ସେଥି ମଧ୍ୟରୁ ଟାଟା ମେମୋରିଆଲ ସେଂଟରର ମଧ୍ୟ ଏକ ଅଂଶ ରହିଛି । ଏହା ପ୍ରମାଣିତ କରିଛି ଯେ ଏଚପିଭି ଟୀକାର ଗୋଟିଏ ଡୋଜ ଭାରତୀୟ ଜନସଂଖ୍ୟାରେ ସର୍ଭାଇକାଲ କର୍କଟ ବିରୁଦ୍ଧରେ ନିରାପଦ, ପ୍ରଭାବୀ ଏବଂ ଦୀର୍ଘକାଳୀନ ସୁରକ୍ଷାକୁ ସୁନିଶ୍ଚିତ କରେ । ଏଭଳି ଗବେଷଣା ଏହି ବ୍ୟାପକ ସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ଆତ୍ମବିଶ୍ୱାସକୁ ମଧ୍ୟ ମଜଭୁତ କରେ । ସମଗ୍ର ବିଶ୍ୱରେ ଉନ୍ନତ ସଚେତନତା, ସ୍କ୍ରିନିଂ ଏବଂ ଟୀକାକରଣ କାର୍ଯ୍ୟକ୍ରମ ଯୋଗୁଁ ସର୍ଭାଇକାଲ କର୍କଟ ମାତ୍ରା ହ୍ରାସ ପାଇବାରେ ଲାଗିଛି । ତଥାପି ଏହି ପ୍ରଗତିକୁ ସଫଳତା ବୋଲି ବିବେଚନା କରାଯାଇ ନପାରେ । ଭାରତରେ ମଧ୍ୟ ସହରା*ଳରେ ଉନ୍ନତ ପରିଚ୍ଛନ୍ନତା ଭଳି କାରଣ ପାଇଁ ଏହା କିଛି ମାତ୍ରାରେ ହ୍ରାସ ପାଇଥିବାର ଲକ୍ଷ୍ୟ କରାଯାଇଛି । ତଥାପି ଗ୍ରାମୀଣ ଏବଂ ଅନୁନ୍ନତ କ୍ଷେତ୍ରରେ ସର୍ଭାଇକାଲ କର୍କଟ ରୋଗ ସଂକ୍ରମଣ ଯଥା ରୀତି ରହିଛି । ଏକ ତୃତୀୟ ସ୍ତରୀୟ ରେଫେରାଲ କେନ୍ଦ୍ର ଭାବରେ ଟାଟା ମେମୋରିଆଲ ସେ[ର ହସ୍ପିଟାଗୁଡ଼ିକ ସର୍ଭାଇକାଲ କର୍କଟ ରୋଗର ଅଧିକ ସଂକ୍ରମଣ ଭାର ଲକ୍ଷ୍ୟ କରିଚାଲିଛି, ଯାହା ବିଭିନ୍ନ ଅଂଚଳରେ ସଚେତନତା, ପ୍ରବେଶ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟରେ ଅସମାନତାକୁ ପ୍ରତିଫଳିତ କରେ । ବିଶ୍ୱ ଅଭିଜ୍ଞତା ଆମକୁ ଏହି ଶିକ୍ଷା ଦେଇଛି ଯେ ଟୀକାକରଣ କଭରେଜ୍ ସୁନିଶ୍ଚିତ କରା ନଗଲେ ସର୍ଭାଇକାଲ କର୍କଟ ରୋଗ ନିୟନ୍ତ୍ରଣରେ ଆଶାନୁରୂପକ ପ୍ରଗତି ପ୍ରଭାବିତ ହେବ ଏବଂ ଅଟକିଯିବ । କେତେକ ରାଷ୍ଟ୍ରରେ ଯେଉଁଠାରେ ସର୍ଭାଇକାଲ କର୍କଟ ରୋଗର ବୋଝକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରାଯାଇଥିଲା, ସେଠାରେ ଟୀକାକରଣରେ ବ୍ୟବଧାନ କିମ୍ବା ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହେବା କାରଣରୁ ସର୍ଭାଇକାଲ କର୍କଟ ସଂକ୍ରମଣ ମାମଲା ପୁଣି ଥରେ ମୁଣ୍ଡ ଟେକିଛି । ତେଣୁ ଏହାର ନିରାକରଣ ନିମନ୍ତେ ନିରନ୍ତର ପ୍ରୟାସ ଏବଂ ଏଚପିଭି ଟୀକାକରଣର ବ୍ୟାପକ କଭରେଜ୍ ସୁନିଶ୍ଚିତ କରିବା ଜରୁରୀ । ଏକ ଆଦର୍ଶ ଭାବରେ ପ୍ରାରମ୍ଭିକ କିଶୋରାବସ୍ଥାରେ ଝିଅମାନଙ୍କୁ ମାନବ ବାପିଲୋମା ଭାଇରସ ସଂସ୍ପର୍ଶରେ ଆସିବା ପୂର୍ବରୁ ଟୀକାକରଣ ସର୍ବାଧିକ ସୁଫଳ ପ୍ରଦାନ କରିଥାଏ । ସଂକ୍ରମଣର ସଂସ୍ପର୍ଶରେ ଆସିବା ପୂର୍ବରୁ ଏଭଳି ଟୀକା ପ୍ରଦାନ ଅବା ଗ୍ରହଣ କରାଗଲେ, ଏଚପିଭି ଟୀକାକରଣ ସର୍ଭାଇକାଲ କର୍କଟ ବିରୁଦ୍ଧରେ ୭୦ ପ୍ରତିଶତରୁ ଅଧିକ ସୁରକ୍ଷା ପ୍ରାପ୍ତ ହୋଇଥାଏ । ଏଚପିଭି ଟୀକାକରଣ ବ୍ୟବସ୍ଥା ପ୍ରଚଳନ କରିବା ନିମନ୍ତେ ଭାରତ ସରକାରଙ୍କ ନିଷ୍ପତି ବୈଜ୍ଞାନିକ ଦୃଷ୍ଟିକୋଣରୁ ଏକ ଉପଯୁକ୍ତ, କମ୍ ବ୍ୟୟକ୍ଷମ ଏବଂ ନୈତିକ ଦୃଷ୍ଟିରୁ ଜରୁରୀ ବୋଲି ବିବେଚନା କରାଯାଇପାରେ । ଏହା ଆମ ଦେଶର ଭବିଷ୍ୟତରେ ସୁସ୍ଥ ମହିଳା ଜନସଂଖ୍ୟା ସୁନିଶ୍ଚିତ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଦୃଢ଼ ସ୍କ୍ରିନିଂ କାର୍ଯ୍ୟକ୍ରମ ଏବଂ ସୁନିଶ୍ଚିତ ଚିକିତ୍ସା ଉପଲବ୍ଧ କରାଯିବା ସହିତ, ଟୀକାକରଣ ଗୋଟିଏ ପିଢ଼ି ମଧ୍ୟରେ ସର୍ଭାଇକାଲ କର୍କଟ ଦ୍ୱାରା ହେଉଥିବା କଷ୍ଟକୁ ନାଟକୀୟ ଭାବରେ ହ୍ରାସ କରିପାରିବ । ଟାଟା ମେମୋରିଆଲ ସେଂଟର ଠାରେ ଆମେ ବିଶ୍ୱାସ କରୁ ଯେ କନ୍ୟା ସନ୍ତାନମାନଙ୍କ ନିମନ୍ତେ ସାର୍ବଜନୀନ ଏଚପିଭି ଟୀକାକରଣ, ପ୍ରମାଣ ଆଧାରିତ ସ୍କ୍ରିନିଂ କାର୍ଯ୍ୟକ୍ରମର ପ୍ରସାର ଏବଂ ରୋଗ ନିର୍ଣ୍ଣିତ ହୋଇଥିବା ସମସ୍ତ ମହିଳାଙ୍କ ନିମନ୍ତେ ସମୟୋଚିତ ଚିକିତ୍ସା ବ୍ୟବସ୍ଥା ସହିତ, ଭାରତୀୟ ମହିଳାମାନଙ୍କ ମଧ୍ୟରେ ସର୍ଭାଇକାଲ କର୍କଟ ଆଉ ପ୍ରତିରୋଧଯୋଗ୍ୟ ମୃତ୍ୟୁର କାରଣ ହୋଇ ରହିବ ନାହିଁ । ନିରନ୍ତର ପ୍ରୟାସ, ଜନସାଧାରଣଙ୍କ ଅତୁଟ ବିଶ୍ୱାସ ଏବଂ ଗୋଷ୍ଠୀଭିତିକ ଅଂଶଗ୍ରହଣ ସହିତ ଭାରତ ସର୍ଭାଇକାଲ କର୍କଟ ରୋଗ ନିରାକରଣ ଦିଗରେ ଦୃଢ଼ ଭାବରେ ଆଗକୁ ଅଗ୍ରସର ହୋଇପାରିବ । ଏଚପିଭି ଟୀକାକରଣର ଶୁଭାରମ୍ଭ କେବଳ ଏକ ନୀତିଗତ ଘୋଷଣା ନୁହେଁ; ଏହା ଭାରତୀୟ ମହିଳାମାନଙ୍କ କଲ୍ୟାଣ ନିମନ୍ତେ ଦେଶର ପ୍ରତିବଦ୍ଧତାର ଏକ ଉଦଘୋଷଣା । ବିଜ୍ଞାନର ଆଭିମୁଖ୍ୟ ସ୍ପଷ୍ଟ । ସାଧନ ମଧ୍ୟ ବର୍ତ୍ତମାନ ଆମ ନିକଟରେ ଉପଲବ୍ଧ । ଆମ ନିକଟରେ ଏହାକୁ ଉପଯୋଗ କରିବାର ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି ଏବଂ ଏହି ଏଚପିଭି ଟୀକାକରଣ ପ୍ରୟାସ ଭାରତର କର୍କଟ ବିରୁଦ୍ଧରେ ସଂଗ୍ରାମରେ ଏକ ମାଇଲଖୁଂଟ ଭାବରେ ଚିହ୍ନିତ ହେବ ।

***(ପ୍ରଫେସର ଏବଂ ଉପ ନିର୍ଦ୍ଦେଶକ, କର୍କଟରୋଗ ବିଜ୍ଞାନ କେନ୍ଦ୍ର, ଟାଟା ମେମୋରିଆଲ ସେଂଟର, ମୁମ୍ବାଇ)***

# ରାଜ୍ୟସ୍ତରୀୟ ଟେକ୍ନୋମାନିଆ ୩.୦ ଉଦ୍‌ଘାଟିତ




ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଷ୍ଟୁଡେଂଟ ଚାପଟର ତରଫରୁ, ରାଜ୍ଯ ସ୍ତରୀୟ ଟେକଫେଷ୍ଟ ଟେକ୍ନୋମାନିଆ ୩.୦ ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି । ଏହି ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ଅଧକ୍ଷା ରିନତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଆଶିଷ ଲେଙ୍କା ଏବଂ ଅଦାନୀ ତଲାବିରା ମାଇନ୍ସର ମାନବ ସମ୍ବଳ ମୁଖ୍ୟ ପ୍ରଭାକର ସିଂ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଚହ୍ୱାଣ କହିଥିଲେ ଯେ, ପଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଅପରିସୀମ । ଆଗାମୀ ଦିନରେ ରୋବୋଟିକସ୍ ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ କୁ ନେଇ ଏଭଳି ପ୍ରତିଯୋଗିତା ଆୟୋଜନ କଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି ହେବ । ଇଞ୍ଜିନିୟରମାନେ ନିଜ ଦକ୍ଷତା ଦ୍ୱାରା ସମାଜର ଦୈନନ୍ଦିନ ସମସ୍ୟାର ସହଜ ସମାଧାନ କରିବା ଉଚିତ । ଟେକ୍ନୋଲୋଜି ମାଧ୍ୟମରେ କିଭଳି ନିଜର ଭବିଷ୍ୟତ ଉଜ୍ଜ୍ୱଳମୟ କରିହେବ, ସେ ନେଇ ସେ ଛାତ୍ରଛାତ୍ରୀଙ୍କୁ ସେ ଅବଗତ କରାଇଥିଲେ । ଏହି ଦୁଇ ଦିନିଆ ମହୋତ୍ସବରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପଲିଟେକନିକ୍ ଅନୁଷ୍ଠାନର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ସିଭିଲ୍ ବିଭାଗର ମୁଖ୍ୟ ତଥା ଇଭେଂଟ କୋର୍ଡିନେଟର ଶ୍ରୀଯୁକ୍ତ ଅମିତ କୁମାର ସାହୁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଉଥିବା ୫ଟି ମୁଖ୍ୟ ପ୍ରତିଯୋଗିତା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । ବିଶେଷ କରି ସିଭିଲ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଏବଂ ଆଇଓଟି ଭଳି ବିଭାଗରେ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି ।

# ଟିବିମୁକ୍ତ ପାଇଁ ୨୬ ପଂଚାୟତକୁ ପଦକ ପ୍ରଦାନ



ପୁରୀ(ନିପ୍ର): ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଟିବିମୁକ୍ତ ଓଡ଼ିଶା ପାଇଁ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ବ୍ଲକରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ସହଯୋଗରେ ଗୁଣ୍ଡିଚା ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ର ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭାଗୀୟ ପ୍ରଫେସର ସୁଦର୍ଶନ ପୋଥାଳ, ମେଡିକାଲ ସୁପରିଟେଣ୍ଡେଂଟ ଡାକ୍ତର ରବୀନ୍ଦ୍ର କୁମାର ମିଶ୍ର,ଡିପିଏଚଓ ଓ ଡାକ୍ତର ସଂଜୁ କୁମାର, ସଦସ୍ୟ ଡ. ବଦ୍ରି ମିଶ୍ର ଏହି ଶୋଭାଯାତ୍ରା କୁ ଉଦଘାଟନ କରିଥିଲେ । ପରେପରେ ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଅତିଥି ମାନେ ଯୋଗଦେଇ ବିଗତ ବର୍ଷ ଜିଲ୍ଲାରେ ୫୧୯୧୫ଜଣଙ୍କ ନମୁନା ପରୀକ୍ଷା କଲାପରେ ତନ୍ମଧ୍ୟରୁ ୧୨୭୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହେବା ସହ ତନ୍ମଧ୍ୟରୁ ୧୧୬୫ ଜଣ ନିୟମିତ ଚିକିତ୍ସା ପରେ ସୁସ୍ଥ ହେବା କମ୍ କଥା ନୁହେଁ ବୋଲି ମତ ପ୍ରକାଶ କରିଥିଲେ । ଏଥି ସହିତ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ର ସହଯୋଗ କାରଣରୁ ଏବେ ଯକ୍ଷ୍ମାଜନିତ ମୃତ୍ୟୁହାର ଦୁଇ ପ୍ରତିଶତକୁ ଆସିବା ଓଡ଼ିଶାରେ ରେକର୍ଡ ବୋଲି ପ୍ରକାଶ କରିଥିଲେ । ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ଆରମ୍ଭ ହୋଇଥିବା ଶହେ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ପୃଷ୍ଟିକର ଖାଦ୍ୟ ପ୍ରଦାନ, ନିୟମିତ ଔଷଧ ସେବନ ଓ ଏଥିରେ ଜନଗଣଙ୍କ ସହଯୋଗ ଉପରେ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଯକ୍ଷ୍ମାମୁକ୍ତ ଦଶଟି ପଂଚାୟତ ସରପଂଚଙ୍କୁ ସ୍ୱର୍ଣ୍ଣ ପଦକ ଓ ୧୬ଟି ପଂଚାୟତର ସରପଂଚଙ୍କୁ ରୌପ୍ୟପଦକ ସହ ଗାନ୍ଧୀଜୀଙ୍କ ମୂର୍ତ୍ତି ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ସୁପରିଚାଳନାରେ ୧୭ ଜଣ ଯକ୍ଷ୍ମା ରୋଗୀଙ୍କୁ ସ୍ୱତନ୍ତ୍ର ଯକ୍ଷ୍ମା କିଟ୍ ଓ ପୃଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦାନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବାଶିଷ ମର୍ଦ୍ଦରାଜ, ଦୈତାରୀ ପଟ୍ଟନାୟକ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ସୁଦର୍ଶନ ଜେନା ।

# ସାମ୍ବାଦିକଙ୍କ ବିୟୋଗରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ଶୋକସଭା

ପାରାଦୀପ(ନିପ୍ର): ଗତ ରବିବାର ଦିନ ବୈଦୁତିକ ଗଣମାଧ୍ୟମର ସାମ୍ବାଦିକ ରଶ୍ମୀ ରଞ୍ଜନ ରାଉତରାୟ (ବାପି)ଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ସାମ୍ବାଦିକ ଜଗତରେ ଦୁଃଖ ର ଛାୟା ଖେଳି ଯାଇଥିଲା । ସୋମବାର ସନ୍ଧ୍ୟାରେ ବାପିଙ୍କ ମର ଶରୀର ପାରାଦୀପରେ ପହଂଚିବା ପରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଓ ଶୁଭାକାଂକ୍ଷୀ ବନ୍ଧୁ ମାନେ ପ୍ରେସ ଗ୍ୟାଲେରୀ ନିକଟରୁ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନେଇଥିଲେ । ଏଥିରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବରିଷ୍ଠ ନାଗରିକ କ୍ଷୀରୋଦ କୁମାର ସ୍ୱାଇଁ, କୁମରବର ନାୟକ ଙ୍କ ସମେତ ବହୁ ବରିଷ୍ଠ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ସାମିଲ ହୋଇଥିଲେ । ପାରାଦୀପ ସ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ଆୟୋଜିତ ଏକ ଶୋକ ସଭାରେ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ବୁଦ୍ଧିଜୀବୀ କୁମରବର ନାୟକ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶରତ କୁମାର ରାଉତ, ଭାଗିରଥି ମଲ୍ଲିକ, ରବିନ୍ଦ୍ର ଜେନା, ଶଶାଙ୍କ ଆଚାର୍ଯ୍ୟ ଙ୍କ ସମେତ ସଂଖ୍ୟାଧିକ କାର୍ଯ୍ୟରତ ସାମ୍ବାଦିକ ମାନେ ଉପସ୍ଥିତ ହୋଇ ସ୍ୱର୍ଗତ ରଶ୍ମୀ ରଞ୍ଜନ ରାଉତରାୟଙ୍କ ସ୍ମୃତି ଚାରଣ କରିଥିଲେ । ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



ପୋଲସରା(ନିପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଗାଁ କୁ ବିକଶିତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ କରକମଳରେ ଶିଳାନ୍ୟାସ ଓ ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ମାର୍ଚ୍ଚ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା ଅନ୍ତର୍ଗତ ୨୬ ଗୋଟି ପଂଚାୟତରେ ୧୩୪ଟି ପ୍ରକଳ୍ପ, ଅନୁଦାନ ଅନ୍ତର୍ଗତ ୬୦ ଟି ପ୍ରକଳ୍ପ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନ୍ତର୍ଗତ ୧୩ ଟି ପ୍ରକଳ୍ପ ଏବଂ ବିଧାୟକ ପାଣ୍ଠି ଅନ୍ତର୍ଗତ ୨୪ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲସରା ବ୍ଲକ ଅଧକ୍ଷା କଳ୍ପନା କୁମାରୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସମସ୍ତ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହିତ ଜଳ ସେବା ଶିବିର ଓ ପଂଚାୟତ ସମିତି ଅଧିନସ୍ଥ ଭିଡିଓ କନଫରେନ୍ସ ହଲର ଶୁଭ ଉଦ୍‌ଘାଟନ କରିଥିଲେ । ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୋଲସରା ବ୍ଲକ ଉପାଧକ୍ଷ କାହ୍ନୁ ଚରଣ ପରିଡ଼ା, ଜିଲ୍ଲା ପରିଷଦ ମେମ୍ବର ଅଶୋକ କୁମାର ବିଷୋୟୀ ଓ ଝୁନୁ ଦାସ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ବିଜେପି ଯୁବନେତା ପ୍ରଭାକର ପଣ୍ଡା ଯୋଗଦେଇ ଥିଲେ । ୨୬ ଗୋଟି ପଂଚାୟତର ସରପଂଚ ଓ ସମିତି ମେମ୍ବର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ବିଭାଗରେ ବିଶ୍ୱ କବିତା ଦିବସ



ଖଲ୍ଲିକୋଟ : ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଓଡ଼ିଆ ବିଭାଗରେ ଏକ ଭବ୍ୟ ସଭାର ଆୟୋଜନ ହୋଇଥିଲା । ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ବିଶ୍ୱ କବିତା ଦିବସ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରି ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବିଶ୍ୱ କବିତା ଦିବସ ପାଳନର ଉଦ୍ଦେଶ୍ୟ ଓ ଇତିହାସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ବିପିନ ନାୟକ ସାମ୍ପ୍ରତିକ ଯୁଦ୍ଧ ବିକ୍ଷୁବ୍ଧ ପୃଥିବୀରେ କବିତା ଦିବସ ପାଳନର ଗୁରୁତ୍ୱ ରହିଥିବା କଥା କହିବା ସହ କବିତା ହିଁ ସବୁ ଅଶାନ୍ତ ଅସନ୍ତୋଷ ମଧ୍ୟରେ ଚେନାଏ ଜହ୍ନ ଆଲୁଅ ପରି ଶୀତଳତା ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ବନମାଳୀ ପାଣିଗ୍ରାହୀ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ଶେଷରେ ଇଂରାଜୀ ବିଭାଗର ଅଧ୍ୟାପିକା ଶ୍ରୀମତୀ ଚିନ୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀଙ୍କ ସମେତ ବିଭାଗର ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ହିନ୍ଦୀ ବିଭାଗ ଅଧ୍ୟାପିକା ଅର୍ପିତା ଜେନା ସମେତ ଓଡ଼ିଆ, ଇଂରାଜୀ, ହିନ୍ଦୀ ବିଭାଗର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ପରିବେଶ ସମିତିର ବିଶ୍ୱ ଜଙ୍ଗଲ ଦିବସ ଓ ବିଶ୍ୱ ଜଳ ଦିବସ ପାଳିତ

ଯାଜପୁର: ଜିଲ୍ଲା ପରିବେଶ ସମିତି, ଯାଜପୁର ଆନୁକୂଲ୍ୟରେ ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ ଠାରେ ବିଶ୍ୱ ବନ ଦିବସ ଓ ବିଶ୍ୱ ଜଳ ଦିବସ ପାଳନ ହୋଇଯାଇଛି କ୍ଷ ବନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରକୁ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ଜଳଦିବସ ପାଳନ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରକୁ ପ୍ରାକ୍ତନ ସି. ଆର. ସି. ସି ମକରଧ୍ୱଜ ସାହୁ ଉଦ୍ଘାଟନ କରିଥିଲେ । ସମ୍ପାଦକ ଡଃ ଶରତ କୁମାର ସାହୁ ବନ ଦିବସ ଓ ଜଳ ଦିବସ ପାଳନ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ର ବିଷୟ ବସ୍ତୁ ଯଥାକ୍ରମେ ' ଜଙ୍ଗଲ ଓ ଆମର ଅର୍ଥନୀତି ', ଜଳ ଏବଂ ଲିଙ୍ଗ ଗତ ସମାନତା 'ର ଆବଶ୍ୟକତା, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଉଭୟ ଦିବସର ପ୍ରାତଃ କାଳରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଇକୋ କ୍ଲବ ଛାତ୍ର ଛାତ୍ରୀମାନେ ସଚେତନତା ପଦଯାତ୍ରାରେ ଯୋଗ ଦେଇ ସ୍ଥାନୀୟ ଅଂଚଳରେ ପରିବେଶ ସଚେତନତା ସୃଷ୍ଟି କରିଥିଲେ । ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଥାକ୍ରମେ ସନ୍ତୋଷ କୁମାର ମିଶ୍ର ଓ ସୌଭାଗ୍ୟ କୁମାର ଜେନା ସଭା ପରିଚାଳନା କରିଥିଲେ । ବନ ଦିବସରେ ରିଜିଓନାଲ କଲେଜ, ରାମବାଗର ଅଧ୍ୟକ୍ଷ, ପ୍ରାଧ୍ୟାପକ ଡଃ ଶାନ୍ତନୁ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କିପରି ଜଙ୍ଗଲ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରେ ତାହା ବର୍ଣ୍ଣନା କରିଥିଲେ । ଜଳ ଦିବସରେ ପ୍ରାକ୍ତନ ସାମାଜିକ ଶିକ୍ଷା ଅଧିକାରୀ ପ୍ରଭାସ କୁମାର ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଆଗାମୀ ପିଢ଼ି ପାଇଁ କିପରି ଜଳ ସଂରକ୍ଷଣ ଓ ପ୍ରଦୂଷଣ ନିୟନ୍ତ୍ରଣ କରାଯାଇ ପାରିବ ଓ ଏଥିରେ ମହିଳା ମାନଙ୍କ ଭାଗିଦାରି ସମ୍ବନ୍ଧରେ ଆଲୋକପାତ କରିଥିଲେ । ବନଦିବସରେ ସ୍ଥାନୀୟ ସରପଂଚ କଳ୍ପନା



ବେହେରା, ଓଷ୍ଟା ସଭାପତି ଜଗନ୍ନାଥ ବେହେରା, ଓଷ୍ଟା ଉପଦେଷ୍ଟା, ଯାଜପୁରର ସୁବାଷ ଚନ୍ଦ୍ର ପ୍ରଧାନ, ଓଡ଼ିଆ ପ୍ରାକ୍ତନ ପ୍ରାଧ୍ୟାପକ ଦିଲ୍ଲିପ କୁମାର ପ୍ରଧାନ ସମ୍ମାନୀତ ଅତିଥିରୂପେ ଯୋଗ ଦେଇ ଆଲୋଚନା ଚକ୍ରରେ ଭାଗ ନେଇଥିଲେ । ଜଳଦିବସ ପାଳନରେ କର୍ଣ୍ଣ ଚରଣ ଘଡାଇ, ମୁଖ୍ୟ ପ୍ରଶିକ୍ଷକ ପ୍ରକୃତି ବନ୍ଧୁ ବିଷ୍ଣୁ ଚରଣ ସାହୁ, ପ୍ରକୃତି ବନ୍ଧୁ ଦେବେନ୍ଦ୍ର କୁମାର ନାୟକ, ଅଭିରାମ ମଲ୍ଲ, ଦୁଃଶାସନ ବେହେରା, ଦିଲ୍ଲିପ କୁମାର ଦାଶ, ନଟବର ଜେନା ସଂଗୀତ ଗୁରୁ ଗୋପୀନାଥ ଦାଶ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । ବନ ଦିବସରେ ଦେବେନ୍ଦ୍ର ନାୟକ, ଧ୍ରୁବ ଚରଣ ସାହୁଙ୍କୁ ଉଲ୍ଲେଖନୀୟ ପରିବେଶ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଉଭୟ ଦିବସ ପାଳନ ଅବସରରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗୀତାକ୍ଷର କୃତି ପ୍ରତିଯୋଗୀମାନେ ଅତିଥି ମାନଙ୍କଠାରୁ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । ବନ ଦିବସରେ ବିଂଝାରପୁର ଓଷ୍ଟାର ଉପସଭାପତି ମୀନକେତନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ । ବନଦିବସରେ ପ୍ରମୋଦ କୁମାର ବେହୁରିଆ, ମାଧବ ଚନ୍ଦ୍ର ଧଳ , ଉତ୍କଳ ବାରିକ ଓ ସୌଦାମିନୀ ରାଉତ ସାହାଯୋଗ କରିଥିଲେ । ଜଳଦିବସରେ ମିହିର କୁମାର ଜେନା ଧନ୍ୟ ବାଦ ଅର୍ପଣ କରିଥିଲା ବେଳେ ଦୁର୍ଯ୍ୟୋଧନ ଜେନା, ଦୁର୍ଯ୍ୟୋଧନ ଓଝା, ଉମାକାନ୍ତ ଦାଶ ଓ ଅରୁଣ କୁମାର ଜେନା ସହଯୋଗ କରିଥିଲେ । ଉଭୟ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀ ମାନେ ଉଦ୍‌ଘାଟନୀ ସଂଗୀତ ପରିବେଷଣ କରିଥିଲେ । ଉଭୟ ବିଦ୍ୟାଳୟର ନିକଟତମ ବିଦ୍ୟାଳୟରୁ ବହୁ ଇକୋ କ୍ଲବ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ । ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉକ୍ତ ପରିବେଶ ଦିବସ ପାଳନରେ ସହଯୋଗ କରିଥିଲେ ।

# ସିପିଆଇ ଓ ଗଣ ସଂଗଠନମାନଙ୍କ ପକ୍ଷରୁ ଶହୀଦ ଭଗତ ସିଂହଙ୍କ ଶହୀଦ ଦିବସ - ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ପାଳିତ

ଜୟପୁର : ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା କମିଟି, ଏଆଇଟିୟୁସି, ଏଆଇୱାଇଏଫ୍, ଉତ୍କଳ ମହିଳା ସମିତି ପକ୍ଷରୁ ମିଳିତ ଭାବେ ଶହୀଦ -ଏ-ଆଜମ କମ୍ରେଡ୍ ଭଗତ ସିଂହ, କମ୍ରେଡ୍ ରାଜଗୁରୁ ଓ କମ୍ରେଡ୍ ସୁଖ ଦେବଙ୍କ ଶହୀଦ ଦିବସ ପାଳନ ସହ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭବ୍ୟେ ପାଳିତ ହୋଇଅଛି । ପୂର୍ବାହ୍ନରେ ଶ୍ରମିକ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ଜୟପୁର ସହର ପରିକ୍ରମା କରି ଶହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଶହୀଦ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶହୀଦ ସ୍ତମ୍ଭ ନିକଟରେ ଏକ ସଭା ଆୟୋଜିତ ହୋଇଥିଲା । କମ୍ରେଡ୍ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଉଦବୋଧନ ଦେଇ ଶହୀଦ-ଏ-ଆଜମ କମ୍ରେଡ୍ ଭଗତ ସିଂହ, କମ୍ରେଡ୍ ରାଜଗୁରୁ ଓ କମ୍ରେଡ୍ ସୁଖ ଦେବ ବ୍ରିଟିଶ ଉପନିବେଶ୍ୱାଦୀ ଭିତିକ ସାମ୍ରାଜ୍ୟବାଦର ଶୋଷଣ, କଷଣ ଓ ଶାସନ କବଳରୁ ଭାରତ ସ୍ୱାଧିନତା ଓ ଜନଗଣଙ୍କ ସାମାଜିକ ଅର୍ଥନୈତିକ ମୁକ୍ତି ସଂଘର୍ଷରେ ଶହୀଦ ହୋଇଥିଲେ । ଆମେରିକାର ଯୌନ ବ୍ୟଭିଚାରୀ ଜେଫ୍ରି ଏପଷ୍ଟିନ୍ ଫାଇଲରେ ନାମିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପଷ୍ଟିନ୍ ଫାଇଲରେ ନିଜ ଗୁପ୍ତ ରହସ୍ୟ ଉନ୍ମୋଚନ ଭୟରେ ଆମେରିକା ସହ ବାଣିଜ୍ୟ ଚୁକ୍ତିରେ ଭାରତର କୃଷି, କୃଷକ, ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ଓ ଶ୍ରମିକ ସ୍ୱାର୍ଥ ବିରୋଧରେ ଦେଶର ୧୪୦କୋଟି ଲୋକଙ୍କୁ ୧୮ ପ୍ରତିଶତ ତାରିଫ୍ ନାମରେ ଲୁଣ୍ଠନ ପାଇଁ ସମ୍ମତି ଦେଇଛନ୍ତି । ସେହିଭଳି ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିରେ ମଧ୍ୟ ଆମ ବଜାରବିଦେଶୀ ବେପାରୀଙ୍କ ଦ୍ୱାରା ଲୁଣ୍ଠନ ପାଇଁ ସମର୍ପଣ କରିଛନ୍ତି । ଅବିଳମ୍ବେ ଏହି ଉପନିବେଶବାଦୀ ଚୁକ୍ତି ବାତିଲ ପାଇଁ ଦାବି କରାଯାଇଛି । ଆମେରିକା ଓ ଇସ୍ରାଏଲ ମିଶି ପାଲେଷ୍ଟାଇନରେ ନରସଂହାର କଲେ, ଏଥିରେ ପାଲେଷ୍ଟାଇନ ଜନଗଣଙ୍କ ସପକ୍ଷରେ ବାହାରିବାରୁ ଇରାନ ଉପରେ ଯୁଦ୍ଧର ଆତଙ୍କ ସହ ଧ୍ୱଂସ ଲୀଳା ଚଳାଇଛନ୍ତି ଆମେରିକା ଓ ଇସ୍ରାଏଲ । ଏହି ସାମ୍ରାଜ୍ୟାଦୀ ଯୁଦ୍ଧ ଓ ନରସଂହାର ବନ୍ଦ ପାଇଁ ଦାବି କରାଯାଇଛି । ଏପଷ୍ଟିନ ଫାଇଲରେ ନାମିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିଜ ପଦରୁ ଇସ୍ତଫା ଦେଇ ଏପଷ୍ଟିନ୍ ଫାଇଲ ସମ୍ପର୍କୀୟ ତଥ୍ୟ ଉପରେ ନିରପେକ୍ଷ ତଦନ୍ତ ପାଇଁ ଦାବି ସହ ଏହି ଫାଇଲରେ ନାମିତ ଅନୀଲ ଆମ୍ବାନୀଙ୍କ ସମେତ ସନ୍ଦିଗ୍ଧ ବ୍ୟକ୍ତି ମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି । ଏହି ସାମ୍ରାଜ୍ୟବାଦ ବିରୋଧୀ ଦିବସରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ପ୍ରମୋଦ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ରାମ କୃଷ୍ଣ ଦାଶ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମର ଜାନୀ, ସିପିଆଇ ଜିଲ୍ଲା ସହ ସମ୍ପାଦକ ବୁଦୁରା ବଡ଼ନାୟକ, କୁରୁମ ନାଥ ଭତ୍ରା, ପୂର୍ଣ୍ଣଚନ୍ଦ୍ର ସୁର, ତିରୁପତି ଭତ୍ରା, ବଳରାମ ନାଏକ, ମାଧବ ଜାନୀ, ସୁନୀତା ନାଗ, ନନ୍ଦ ହରିଜନ, ରୁପଧର ପୁଜାରୀ ପ୍ରମୁଖ ଉଦବୋଧନ ଦେଇଥିଲେ । ଏହାପରେ ଅପରାହ୍ନରେ ସିପିଆଇ ର କୋରାପୁଟ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଅଛି ।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁଭାରମ୍ଭ ହେଲା ସୁଭଦ୍ରା ଦିଦି କିଓସ୍କ ରୋଗୀଙ୍କୁ ମିଳିବ ସୁଷମ ଖାଦ୍ୟ

ଭଦ୍ରକ ଜିଲ୍ଲା ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଭାଟପଡା ପଂଚାୟତ ମହିଳା ସଂଘ ପକ୍ଷରୁ ଖୋଲି ଥିବା ରୋଗୀ ଙ୍କୁ ସୁଷମ ଖାଦ୍ୟ ଯୋଗାଣ ପାଇଁ ସୁଭଦ୍ରା ଦିଦି କିଓସ୍କ ହୋଟେଲ ଶୁଭାରମ୍ଭ ହୋଇଛି ।ତିହିଡି ବିଡ଼ିଓ , ପଂଚାୟତ ସମିତି ଅଧ୍ୟକ୍ଷା , ଡାକ୍ତର , ଜୀବିକା ମିଶନ ଅଧିକାରୀ , ଜନ ପ୍ରତିନିଧି , ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଧିନ ରୋଗୀ ମାନଙ୍କୁ ସୁଷମ ଖାଦ୍ୟ ର ବ୍ୟବସ୍ଥା କରାଯାଇ ସେବା ପ୍ରଦାନ କରାଯିବ ବୋଲି କହିଛନ୍ତି । ଏଥିରେ ମହିଳା ଗୋଷ୍ଠିର ଶତାଧିକ ବ୍ୟକ୍ତି , ପଂଚାୟତ ବାସୀ , ସ୍ୱାସ୍ଥ୍ୟ କର୍ମଚାରୀ , ଯୋଗ ଦେଇଥିଲେ ।

# ମାଲକାନଗିରିରେ ଜନଗଣନା-୨୦୨୭ ପ୍ରସ୍ତୁତି ଜୋରଦାର୍, ଏନୁମେରେଟର ଓ ସୁପରଭାଇଜରଙ୍କ ତାଲିମ ଶିବିର

ମାଲକାନଗିରି : ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା-୨୦୨୭ କୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି କ୍ରମରେ ଆଜି ମାଲକାନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମାଲକାନଗିରି ତହସିଲ (ଗ୍ରାମାଚଂଳ) ଅଧୀନରେ ଥିବା ଏନୁମେରେଟର (ପ୍ରଗଣକ) ଏବଂ ସୁପରଭାଇଜର (ପର୍ଯ୍ୟବେକ୍ଷକ) ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଥମ ବ୍ୟାଚ୍ ତାଲିମ ଶିବିର ସଫଳତାର ସହ ଶେଷ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜନଗଣନା ଅଧିକାରୀ ମୁନା ତୁରୁକ ଏବଂ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଫିଲ୍ଡ ଟ୍ରେନର ଭାବେ ଭାଗ୍ୟରଞ୍ଜନ ଲେଙ୍କା ଓ ହରପ୍ରସାଦ ମହାପାତ୍ର ଯୋଗଦେଇ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହର ବୈଷୟିକ କୌଶଳ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ସମଗ୍ର ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପାଇଁ ମୋଟ ୧୨୬୯ ଜଣ ଏନୁମେରେଟର ଏବଂ ୨୨୭ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଆଜି ମାଲକାନଗିରି ତହସିଲ ପାଇଁ ଏହି ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ପର୍ଯ୍ୟାୟ କ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ତହସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ଏପ୍ରିଲ ୧ ରୁ ଏପ୍ରିଲ ୧୫ ମଧ୍ୟରେ ନାଗରିକମାନେ ନିଜେ ପୋର୍ଟାଲରେ ନିଜର ତଥ୍ୟ ପଞ୍ଜିକୃତ କରିପାରିବେ । ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଏନୁମେରେଟର ମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ । ଏଥର ଜନଗଣନାରେ କୌଣସି କାଗଜ କାର୍ଯ୍ୟ ହେବ ନାହିଁ, ସମସ୍ତ ତଥ୍ୟ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ । ଆମର ଜନଗଣନା, ଆମର ବିକାଶ ବାର୍ତ୍ତା ଜରିଆରେ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ସଠିକ୍ ଜନଗଣନା ହିଁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

# ସୁହାଗ ଏବଂ ସମୃଦ୍ଧିର ମହାପର୍ବ ଗଣଗୌର ସଂପନ୍ନ

ସମ୍ବଲପୁର : ଦୀର୍ଘ ୧୮ ଦିନ ଧରି ଚାଲିଥିବା ମହିଳାଙ୍କ ସୁହାଗ ଏବଂ ସମୃଦ୍ଧି, ଆସ୍ଥା ଏବଂ ବିଶ୍ୱାସର ମହାନ ପର୍ବ 'ଗଣ ଗୌର' ହର୍ଷ ଉଲ୍ଲାସର ସହ ସଂପନ୍ନ ହୋଇଯାଇଛି । ପାରମ୍ପରିକ ପରିଧାନ ପିନ୍ଧି ସଧବା ମହିଳା ମାନେ ମୋଟ ୧୬ ଗୋଟି କୂଅରୁ ପାଣି ସଂଗ୍ରହ କରି ଲୋକ ଗୀତ ମାଧ୍ୟମରେ ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ବହୁ ସଂଖ୍ୟାରେ ରାଜସ୍ଥାନୀ ଶ୍ରଦ୍ଧାଳୁ ମହିଳା ମାନେ ଏକତ୍ରିତ ହୋଇ ସନ୍ଧ୍ୟାରେ ଗୌରୀ ଓ ଶିବଙ୍କ ପ୍ରତିମା ବିସର୍ଜନ ସହ ବିଦାୟୀ ମେଲଣ ଦେଇଥିଲେ । ଏହି ଅବସରରେ ମୁଖ୍ୟତଃ ସଧବା ମହିଳା ଅଖଣ୍ଡ ସୌଭାଗ୍ୟବତୀ ଏବଂ କୁଆଁରୀ କନ୍ୟାମାନେ ମନ ପସନ୍ଦର ବର ପାଇଁ କାମନା କରିଥାନ୍ତି । ରାଜସ୍ଥାନୀ ଲୋକଙ୍କ ଗଣ ଗୌର ପୂଜା ଏକ ଆବଶ୍ୟକ ବୈବାହିକ ରୀତି ଭାବେ ମଧ୍ୟ ପ୍ରଚଳିତ ଅଟେ । ବାମରା ରେ ଲାଠ ପରିବାରରେ ଗଣଗୌର ସ୍ଥାପନା କରାଯାଇଛି,ଏଥିରେ ମହିଳା ଓ କନ୍ୟା ମାନେ ଏଥିରେ ଭାଗ ନେଇଥାନ୍ତି । ଗଣଗୌର ଆମର ସଂସ୍କୃତି ତଥା ପରମ୍ପରାର ପ୍ରତୀକ ବୋଲି ରାଧିକା ଲାଠ ଅଗ୍ରୱାଲ,ଜାଗୃତି ଲାଠ ପୋଦ୍ଦାର, ତନିଶା ଖଣ୍ଡେଲୱାଲ, ମାନସୀ ଖଣ୍ଡେଲୱାଲ କହିଛନ୍ତି ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ କେ ମାଧବୀଲତା, ଆଇଏଫଏସ୍ ପ୍ରୋବେଶନର ଅର୍ଣ୍ଣବ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ବୋଡ଼େନ ପଂଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୪୦ ଗୋଟି ବ୍ୟକ୍ତିଗତ ଓ ୨୨ଟି ଗୋଷ୍ଠିଗତ ଏଭଳି ମୋଟ୍ ୬୨ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଖଇରଭାଡି ଗ୍ରାମର ହିରେନ୍ଦ୍ରି ବାଗ ଓ ବିନାପୁର ଗ୍ରାମର ଶ୍ୟାମବନ୍ଧୁ ପାଣିଗ୍ରାହୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ବୋଡ଼େନ ତହସିଲଦାର ସରିତା ଗୁପ୍ତା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ଗୋଟିଏ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ଏହି ଅବସରରେ ରୋକାଲ ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

# ଶହିଦ୍ ଭଗତ୍ ସେନାର ରକ୍ତଦାନ ଶିବିର

ଭଦ୍ରକ : ଶହିଦ୍ ଭଗତ୍ ସିଂହ, ସୁଖଦେବ ଦବ ଓ ରାଜଗୁରୁଙ୍କ ୯୫ତମ ବଳିଦାନ ଦିବସ ଉପଲକ୍ଷେ ଭଦ୍ରକର ମହାରାଜ ଅଗ୍ରସେନ ଭବନ, ଚରମ୍ପା ଠାରେ ସଂଗଠନର ଆବାହକ ତଥା ଭଦ୍ରକର ବିଧାୟକ ସୀତାଂଶୁ ସେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଲିଂ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପାଳ ଜୀଉ ଗୋଶାଳା ଠାରେ ଓଡ଼ିଶା ସରକାରଙ୍କ ଙ୍କ ଖଣି, ଇସ୍ପାତ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୋପୂଜନ କରି ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଚରମ୍ପାରେ ପହଂଚିଥିଲେ । ପରେ ଅତିଥି ତିଥ୍ୟାମାନଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭଦ୍ରକର ବିଧାୟକ ଶ୍ରୀ ମହାପାତ୍ର, ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଭାଜପା ଜିଲ୍ଲା ସଭାପତି ଭଗବାନ ପଣ୍ଡା ଓ ଅବସରପ୍ରାପ୍ତ ସୈନିକ ସଂଘର ଉପଦେଷ୍ଟା ମହେଶ୍ୱର ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।

# କଦମପଡା ସ୍ଥିତ କାଂଶୀରାମ କ୍ଲବରେ କାଂଶୀରାମ ଜୟନ୍ତୀ ପାଳିତ

ବଲାଙ୍ଗିର: ବଲାଙ୍ଗିର କଦମପଡା ସ୍ଥିତ କାଂଶୀରାମ କ୍ଲବ ତରଫରୁ ଦାଦା ସାହେବ କାଂଶୀରାମଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳେ କ୍ଲବର କର୍ମକର୍ତ୍ତା ତଥା ସଭ୍ୟମାନେ ଏକ ଭବ୍ୟ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ କଚେରୀ ଛକ ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କଦମପଡା ସ୍ଥିତ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିବା ସହିତ ମାଲଗୋଦାମପଡା ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ କଦମପଡା ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇ ଥିଲା । ଆୟୋଜକ କମିଟିର ସଭାପତି ମନୋଜ କୁମାର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୌରପାଳିକାର ଅଧ୍ୟକ୍ଷା ଲିକା ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଲକ୍ଷ୍ମଣ କୁମାର ମେହେର, ସ୍ୱତନ୍ତ୍ର ବକ୍ତା ଭାବରେ ଶିକ୍ଷାବିତ୍ ନେପାଳ ବାଗ, ସମ୍ମାନିତ ଅତିଥି ଭାବରେ କାଉନସିଲର ଶମ୍ଭୁ ନାଗ, ଇଶମତ ଆରା ଖାନ, ପ୍ରତିମା ଛତ୍ରିଆ, ବାସୁଦେବ ମୁଗ୍ରୀ, ସତ୍ୟପୀର ପାତ୍ର, ନିକେଶ କୁମ୍ଭାର, ସୀତାରାମ କୁମ୍ଭାର ଓ କିଶୋର କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ । କାଂଶୀରାମ ସାହେବ ଭାରତ ବର୍ଷରେ ଏକ ନୂଆଁ ରାଜନୀତିର ସମିକରଣ ତିଆରି କରିବା ସହିତ ବହୁଜନ କିଭଳି ଭାବରେ ଶାସନ କ୍ଷମତାକୁ ଆସିବେ ସେହି ଉପରେ ବକ୍ତାମାନେ ମତବ୍ୟକ୍ତ କରିବା ସହିତ କାଂଶିରାମଙ୍କ ସଂଘର୍ଷର ଗାଥା ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଗତ ବର୍ଷ ଓଡିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ଆଶିଷ ସୁନା, ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ଦଳିତ ସମାଜର ଅଧ୍ୟାପିକା ଭାବରେ ଚାକିରି କରୁଥିବା ନିହାରିକା ନାଗ, ରାଜ୍ୟସ୍ତରର ଖୋଖୋ ଖେଳାଳି ପ୍ରୀୟବ୍ରତ ନାଗ, ବିଶିଷ୍ଟ ସମାଜସେବୀ ନରସିଂହ ଦୀପ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଙ୍ଗ୍ ହ୍ୟୁମେନ ଫାଉଣ୍ଡେସନ ଓ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଚଳିତ ବର୍ଷ ନବୋଦୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ଆରାଧ୍ୟା କୁମ୍ଭାର ମଧ୍ୟ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କ୍ଲବ ର ସଂପାଦକ ନେପାଳ ବାଗ, ସଭ୍ୟ ଟୁକୁ ବାଗ, ଅଜିତ ନାଗ, ଚନ୍ଦ୍ରମଣି ବରିହା, ଶୁଶିଲ ହରିପାଲ, ଟିଙ୍କୁ ବାଗ, ବିଷ୍ଣୁ ଦୀପ, ସୁରଥ କୁଅଁର, ବୃଷଭ ବାଗ, ଗାନ୍ଧୀ ନାଗ, ମୁକେଶ ନାଗ, ସନ୍ତୋଷ କୁମ୍ଭାର, ପିଂଟୁ ବାଗ, ବିକି କୁମ୍ଭାର, ସୁପାଲ ବାଗ, ରାଜିନ ମହାନନ୍ଦ, ଆଦି କୁମ୍ଭାର, ରାମକୃଷ୍ଣ କୁମ୍ଭାର, ସୁଜିତ ଦୀପ, ଶ୍ରୀକାନ୍ତ କୁମ୍ଭାର, ଦୁଷ୍ମନ୍ତ ନନ୍ଦ ଓ ପୂର୍ଣ୍ଣଚନ୍ଦ୍ର ନାଗ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷକ ସୂର୍ଯ୍ୟମଣି ଦୀପ ଓ ଧନ୍ୟବାଦ ସମ୍ପାଦିକ କୁନା ବାଗ

# ଯଯାତି ୨୦୨୬: ତୃତୀୟ ସନ୍ଧ୍ୟାରେ ମେଗା ଓଲିଉଡ ନାଇଟ





ଯାଜପୁର: ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ର ତୃତୀୟ ସନ୍ଧ୍ୟାରେ ଦେଖିବାକୁ ମିଳିଛି ଓଡ଼ିଶାର ପାରମ୍ପରିକ କଳା ସଂସ୍କୃତିର ଏକ ଅନୁପମ ଝଲକ । ସନ୍ଧ୍ୟା ଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସରସ୍ୱତୀ କଳା ନିକେତନ ଦ୍ୱାରା ଓଡ଼ିଶୀ ନୃତ୍ୟ, ବ୍ୟାସଶ୍ରୀ କଳା ନିକେତନ ଦ୍ୱାରା ଢେମସା ନୃତ୍ୟ, କଳିଙ୍ଗ ଭାରତୀ ଗ୍ରୁପ୍ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ମୟୂରଭଞ୍ଜରୁ ଆସିଥିବା ଉତରସାହି ଛଉନୃତ୍ୟ ପ୍ରତିଷ୍ଠାନ ଓଡ଼ିଶାର ପାରମ୍ପରିକ ସମର ନୃତ୍ୟ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହାସହ କଳାକାରମାନେ ଦେଶାତ୍ମବୋଧ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ରେଟ୍ରୋ ହିନ୍ଦୀ ମ୍ୟୁଜିକର ଆସର ଜମିଥିଲା । ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ବହୁ ଖ୍ୟାତନାମା ଅଭିନେତା ଏବଂ ଅଭିନେତ୍ରୀଙ୍କ ପରିବେଷଣ ଦେଖିବାକୁ ମିଳିଥିଲା । ସୋହିନୀ ମିଶ୍ର ଏବଂ ଶଶାଙ୍କ ଶେଖରଙ୍କ ସୁମଧୁର କଣ୍ଠସ୍ୱରରେ ସମସ୍ତେ ମୋହିତ ହୋଇଥିଲେ । ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ଧୂଳିଆ ଜନ୍ଦା ଗୀତର ତାଳେ ତାଳେ ଦର୍ଶକ ମଧ୍ୟ ନାଚିଥିଲେ । ଓଲିଉଡର ପ୍ରସିଦ୍ଧ ଅଭିନେତା ଏବଂ ଅଭିନେତ୍ରୀ ପୁନମ ମିଶ୍ର, ଶିବାନୀ, ଶୈଳେନ୍ଦ୍ର, ରିୟା ଦେ, ଶୁଭାଶିଷ ଶର୍ମା ମଧ୍ୟ ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ମେଳାରେ ମଧ୍ୟ ଲୋକଙ୍କ ଭିଡ଼ ଜମିଥିଲା । ଫୁଡ୍ କୋର୍ଟରେ ମଧ୍ୟ ଲୋକେ ପାରମ୍ପରିକ ଖାଦ୍ୟର ମଜା ନେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ସହ ଫୋନ୍‌ରେ କଥାହେଲେ ଶ୍ରୀଲଙ୍କା ରାଷ୍ଟ୍ରପତି



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଶ୍ରୀଲଙ୍କା ରାଷ୍ଟ୍ରପତି ମହାମହିମ ଅନୁରା କୁମାର ଦିସାନାୟକଙ୍କ ଠାରୁ ଏକ ଫୋନ୍ କଲ୍ ମିଳିଛି । ବିଶ୍ୱ ଶକ୍ତି ସୁରକ୍ଷାକୁ ପ୍ରଭାବିତ କରୁଥିବା ବାଧା ଉପରେ ଗୁରୁତ୍ୱ ଦେଇ ପଶ୍ଚିମ ଏସିଆର ବିକଶିତ ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି । ସମଗ୍ର ବିଶ୍ୱର ସ୍ୱାର୍ଥ ପାଇଁ ଜାହାଜ ଚଳାଚଳ ଲାଇନ୍ ଖୋଲା ଏବଂ ସୁରକ୍ଷିତ ରଖିବାର ଗୁରୁତ୍ୱକୁ ଉଭୟ ନେତା ଦୋହରାଇଛନ୍ତି । ଭାରତ-ଶ୍ରୀଲଙ୍କା ଶକ୍ତି ସହଯୋଗକୁ ସୁଦୃଢ଼ କରିବା ଏବଂ ଆଂଚଳିକ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଅଗ୍ରଗତି ସମୀକ୍ଷା କରିଛନ୍ତି ଦୁଇ ନେତା । ପ୍ରଧାନମନ୍ତ୍ରୀ ଭାରତର ପଡ଼ୋଶୀ ପ୍ରଥମ ନୀତି ଏବଂ ମହାସାଗର ଦୃଷ୍ଟିକୋଣ ସହିତ ସମାନ ଭାବରେ ସହଭାଗୀ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଦୁଇ ନେତା ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ ।

# ରାମନବମୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେବାକୁ ଯାଉଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଏହି ପର୍ବ ପାଳନ ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ରେ ପୋଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ ହୋଇଥିଲା । ଚଳିତ ବର୍ଷ ମଧ୍ୟ ବ୍ୟାପକ ପୋଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବରେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥାଏ । ଆଧାତ୍ମିକତାର ଏହି ପର୍ବରେ ଓଡ଼ିଶାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତିର ସହ ପାଳନ କରିବେ ତାହା ସୁନିଶ୍ଚିତ କରିବା ପୋଲିସ ପ୍ରଶାସନର ଦାୟିତ୍ୱ ।








# ପଶ୍ଚିମ ଏସିଆ ପରିସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ କଥାହେଲେ ଆମେରିକା ରାଷ୍ଟ୍ରପତି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକା





ରାଷ୍ଟ୍ରପତି ଶ୍ରୀ ଡୋନାଲ୍ଡ ଜେ. ଟ୍ରମ୍ପଙ୍କ ଫୋନ କଲ ମିଳିଛି । ପଶ୍ଚିମ ଏସିଆରେ ବଢୁଥିବା ପରିସ୍ଥିତି ଉପରେ ଦୁଇ ନେତାଙ୍କ ମଧ୍ୟରେ ଉପଯୋଗୀ ମତ ବିନିମୟ ହୋଇଛି । ପ୍ରଧାନମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ଭାରତ ଯଥାଶୀଘ୍ର ଉତେଜନା ହ୍ରାସ ଏବଂ ଶାନ୍ତି ପୁନରୁଦ୍ଧାରକୁ ସମର୍ଥନ କରେ । ପ୍ରଧାନମନ୍ତ୍ରୀ ହର୍ମୁଜ୍ ପ୍ରଣାଳୀ ଖୋଲା, ସୁରକ୍ଷିତ ଏବଂ ସୁଗମ ରହିବା ନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଉଲ୍ଲେଖ କରିଛନ୍ତି ଯେ ଏହା ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ଆର୍ଥିକ କଲ୍ୟାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସ ସମ୍ପର୍କରେ ଉଭୟ ନେତା ଯୋଗାଯୋଗରେ ରହିବାକୁ ରାଜି ହୋଇଛନ୍ତି । ଏକ୍ସ ରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି; 'ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ଏକ ଫୋନ୍ ପାଇଲି ଏବଂ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଉପଯୋଗୀ ମତ ବିନିମୟ କଲି । ଭାରତ ଯଥାଶୀଘ୍ର ଉତେଜନା ହ୍ରାସ ଏବଂ ଶାନ୍ତି ପୁନଃସ୍ଥାପନକୁ ସମର୍ଥନ କରେ । ହର୍ମୁଜ୍ ପ୍ରଣାଳୀ ଖୋଲା, ସୁରକ୍ଷିତ ଏବଂ ସୁଗମ ରହିବା ସୁନିର୍ଶ୍ଚିତ କରିବା ସମଗ୍ର ବିଶ୍ୱ ପାଇଁ ଜରୁରୀ । ଶାନ୍ତି ଏବଂ ସ୍ଥିରତା ପାଇଁ ପ୍ରୟାସ ସମ୍ପର୍କରେ ଯୋଗାଯୋଗରେ ରହିବାକୁ ଆମେ ସହମତ ହୋଇଛୁ । ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ଏକ ଫୋନ୍ ପାଇଲି ଏବଂ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଉପଯୋଗୀ ମତ ବିନିମୟ କଲି । ଭାରତ ଯଥାଶୀଘ୍ର ଉତେଜନା ହ୍ରାସ ଏବଂ ଶାନ୍ତି ପୁନଃସ୍ଥାପନକୁ ସମର୍ଥନ କରେ । ହର୍ମୁଜ୍ ପ୍ରଣାଳୀ ଖୋଲା, ସୁରକ୍ଷିତ ଏବଂ ସୁଗମ ରହିବା ସୁନିର୍ଶ୍ଚିତ କରିବା ସମଗ୍ର ବିଶ୍ୱ ପାଇଁ ଜରୁରୀ ।

# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି ଏବଂ ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ୍ୟ ହୋଇଛି । ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ସ୍ତରରେ ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ- ୨.୦ ର ଶୁଭାରମ୍ଭ କରିଛନ୍ତି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନ ଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ବେଷ୍ଟ ଷ୍ଟ୍ରାଟେଜି ପ୍ରସ୍ତୁତ କରାଯାଇଛି । ଆମେ କେବଳ ସ୍ଲୋଗାନ୍ ?ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ କହିଥିଲେ । ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ । ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ । ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଂଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ କହିଥିଲେ । କାହିଁକି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଂଚିତ କରାଯାଇଥିଲା ଏବଂ ଦେଶର ପ୍ରାୟ ୩୨ ହଜାର ହସ୍ ?ପିଟାଲରେ ଚିକିତ୍ସିତ ହେବାର ଅଧିକାରକୁ କାହିଁକି ଛଡ଼ାଇ ନିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆମ ସରକାର ପ୍ରାଥମିକତା ଦେଇ ଆସିଛି । ୨୦୨୬-୨୭ ବର୍ଷ ପାଇଁ ଆମର ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨.୧ ପ୍ରତିଶତ । ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି । ଓଡ଼ିଶାର ପ୍ରତ୍ୟେକ ନାଗରିକ ଯେପରି ବିନା ଚିନ୍ତାରେ, ବିନା ଆର୍ଥିକ ବୋଝରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବ, ସେଥିପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଂଚଳ ଓ ଅପହଂଚ ଅଂଚଳ ମାନଙ୍କରେ ଏହି ରୋଗ ବିରୁଦ୍ଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତି ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇ ଏହି ଦିବସକୁ ପାଳନ କରିଥିଲେ ।

# ସିମଲାସ୍ଥିତ କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର : ପିଆଇବି, ଭୁବନେଶ୍ୱର ଆନୁକୂଲ୍ୟରେ ହିମାଚଳ ପ୍ରଦେଶ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ସିମଲାସ୍ଥିତ ଆଇସିଏଆର-କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନ (ସିପିଆରଆଇ) ପରିଦର୍ଶନ କରିଛନ୍ତି । ଏହି ପ୍ରତିନିଧି ଦଳ ଆଳୁ ଚାଷରେ ଚାଲିଥିବା ଗବେଷଣା ଏବଂ ନବସୃଜନକୁ ବୁଝିବା ପାଇଁ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଛନ୍ତି । ଆଇସିଏଆର-ସିପିଆରଆଇର ନିର୍ଦ୍ଦେଶକ ଡକ୍ଟର ବ୍ରଜେଶ ସିଂହ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ସେ ଭାରତରେ ଆଳୁ ଗବେଷଣା ପାଇଁ ଜାତୀୟ କେନ୍ଦ୍ର ଭାବରେ ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ପ୍ରାୟ ୪୦୦ ବର୍ଷ ପୂର୍ବେ ପ୍ରଚଳିତ ଆଳୁ ଆଜି ଦେଶର ଖାଦ୍ୟ ଓ ପୋଷଣ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ୧୯୪୯ ମସିହାରେ ପ୍ରତିଷ୍ଠିତ ଏବଂ ୧୯୫୬ ମସିହାରେ ସିମଲାକୁ ସ୍ଥାନାନ୍ତରିତ ହୋଇଥିବା ଏହି ପ୍ରତିଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଅଧୀନରେ କାର୍ଯ୍ୟ କରେ ଏବଂ ଏହା ବିଭିନ୍ନ କୃଷିଭିତିକ-ଜଳବାୟୁ କ୍ଷେତ୍ରର ଛଅଟି ଆଂଚଳିକ ଷ୍ଟେସନ ଦ୍ୱାରା ସମର୍ଥିତ । ସେ ଆହୁରି କହିଥିଲେ, ପ୍ରତିଷ୍ଠାନ ୭୦ ରୁ ଅଧିକ ଉନ୍ନତ କିସମ ବିକଶିତ କରିଛି ଏବଂ ଗୁଣାତ୍ମକ ବିହନ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତ ବର୍ତ୍ତମାନ ଆଳୁ ଉତ୍ପାଦନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି । ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି ଯେ, ଡ୍ରୋନ୍, ଏଆଇ ଏବଂ ବାୟୋଟେକ୍ନୋଲୋଜିକୁ ଆଧୁନିକ ଆଳୁ ଗବେଷଣା ଏବଂ ଫସଲ ପରିଚାଳନାରେ ସମନ୍ୱିତ କରାଯାଉଛି । ଫସଲ ଉନ୍ନତି, ବିହନ ପ୍ରଯୁକ୍ତି, ଜର୍ମପ୍ଲାଜମ୍ ସଂରକ୍ଷଣ ଏବଂ ଚାଷ ଆଧାରିତ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର କାର୍ଯ୍ୟ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ସେ ଏହି ଅବସରରେ କହିଥିଲେ, ଓଡ଼ିଶାରେ ଆଳୁ ଚାଷ ସହିତ ଜଡିତ ଏକ ପ୍ରମୁଖ ସମସ୍ୟା ହେଉଛି ଜୀବାଣୁ ପ୍ରଭାବିତ ମାଟି । ଏହା ବିହନ ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରୁଛି ।

# କଟକସ୍ଥିତ ଆଇ. ସି. ଏ. ଆର. କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କଲେ ଉତରାଖଣ୍ଡର ଗଣମାଧ୍ୟମ ପ୍ରତିନିଧି ଦଳ




ଭୁବନେଶ୍ୱର : ଉତରାଖଣ୍ଡର ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ୧୩ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ନେଇ ଗଠିତ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି କଟକସ୍ଥିତ ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର (ସିଆରଆରଆଇ) ପରିଦର୍ଶନ କରି ଧାନ ଚାଷ କ୍ଷେତ୍ରରେ ଏହାର ଗବେଷଣା, ବିକାଶମୂଳକ ପଦକ୍ଷେପ ଏବଂ ବୈଷୟିକ ପ୍ରଗତି ସମ୍ପର୍କରେ ସୂଚନା ହାସଲ କରିଛନ୍ତି । ଏହି ପ୍ରତିନିଧି ଦଳ ସହିତ ପି. ଆଇ. ବି., ଡେରାଡୁନର ସହକାରୀ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ କୁମାର ସୁନ୍ଦରିୟାଲ ଏବଂ ପି. ଆଇ. ବି., ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର ପ୍ରସାଦ ଜେନା ଥିଲେ । ସାମ୍ବାଦିକମାନଙ୍କୁ ସ୍ୱାଗତ କରି, ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପ୍ରତାପ ଭଟ୍ଟାଚାର୍ଯ୍ୟ ସି. ଆର୍. ଆର. ଆଇ.ର ସଫଳତା ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ୧୯୪ ପ୍ରକାରର ଧାନର ବିକାଶ ଅନ୍ତର୍ଭୁକ୍ତ ଥିଲା, ଏଥି ମଧ୍ୟରେ ଚାପ-ସହିଷ୍ଣୁ ଏବଂ ଜୈବିକ ବିକାଶ ଅନ୍ତର୍ଭୁକ୍ତ ଥିଲା, ଯାହା ଭାରତର ଧାନ କ୍ଷେତ୍ରର ୨୨ %ରୁ ଅଧିକ ଅଂଚଳକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ସହିତ ଅନ୍ତର୍ଭୁକ୍ତ କରିଥିଲା । ଡକ୍ଟର ଭଟ୍ଟାଚାର୍ଯ୍ୟ ଜିନୋମ ସମ୍ପାଦନା ଉପକରଣ (ଟି. ଏନ୍. ପି. ବି.), ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏ. ଆଇ.) ଆଧାରିତ ଯଥାର୍ଥତା କୃଷି, ଡ୍ରୋନ ଉପଯୋଗ, ନଡା ପୁନଃବ୍ୟବହାର ଜ୍ଞାନକୌଶଳ, ରାଇସ ଏକ୍ସପର୍ଟ ପରାମର୍ଶଦାତା ପ୍ଲାଟଫର୍ମ, ମିଥେନ୍-ହ୍ରାସକାରୀ ମିଥେନୋଟ୍ରୋଫ ଫର୍ମୁଲେସନ୍ ଏବଂ ନାଇଟ୍ରୋଜେନ୍-ବ୍ୟବହାର ଦକ୍ଷ ପ୍ରଯୁକ୍ତିବିଦ୍ୟା ସମେତ ପ୍ରମୁଖ ନବସୃଜନ ପ୍ରଦର୍ଶନ କରିଥିଲେ । ଆଲୋଚନା ସମୟରେ ସେ ଜଳବାୟୁ-ସହନଶୀଳ କୃଷି, ଜୈବିକ କୃଷି, ସୁଗନ୍ଧିତ ଏବଂ ଜିଆଇ-ଟ୍ୟାଗ୍ ହୋଇଥିବା ଧାନ ଏବଂ ନିମ୍ନ ଗ୍ଲାଇସେମିକ୍ ସୂଚକାଙ୍କ ପ୍ରଜାତି ଉପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳ ଉନ୍ନତ ପରୀକ୍ଷାଗାର ଏବଂ ଗବେଷଣା କ୍ଷେତ୍ର ପରିଦର୍ଶନ କରିଥିଲେ, ଯାହା ଦ୍ୱାରା ବର୍ତ୍ତମାନ ଚାଲିଥିବା ପରୀକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ସିଧାସଳଖ ପରିଚିତ ହୋଇଥିଲେ ।

# ଆତ୍ମସମର୍ପଣ କଲା ମୋଷ୍ଟ ୱାଂଟେଡ ଟପ୍ ମାଓବାଦୀ ନେତା ପାପା ରାଓ



ରାୟପୁର : ବସ୍ତରରେ ଭୁଶୁଡ଼ୁଛି ମାଓଗଡ଼ । ମୋଷ୍ଟ ୱାଂଟେଡ ଟପ୍ ମାଓବାଦୀ ନେତା ପାପା ରାଓ ମଙ୍ଗଳବାର ଛତିଶଗଡ଼ ବିଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛି । ପାପା ରାଓ ଓଡ଼ିଶା, ମହାରାଷ୍ଟ୍ର ଏବଂ ଛତିଶଗଡ଼ରେ ସକ୍ରିୟ ରହି ମାଓବାଦୀ କାର୍ଯ୍ୟକଳାପରେ ଜଡିତ ଥିଲେ । ତା ସହ ଅନ୍ୟ ୧୭ ଜଣ ଟପ୍ ମାଓବାଦୀ ନେତା ଆତ୍ମସମର୍ପଣ କରିଥିବା ଜଣାପଡିଛି । ପାପାରାଓ, ଯିଏ ସୁନାମ ଚନ୍ଦ୍ରାୟ, ମାଙ୍ଗୁ ଦାଦା ଏବଂ ଚନ୍ଦ୍ରାନ୍ନା ଭଳି ଅନେକ ଛଦ୍ମନାମରେ ମଧ୍ୟ ଜଣାଶୁଣା । ତାକୁ ବସ୍ତରର ଶେଷ ବରିଷ୍ଠ ମାଓ ନେତାମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ । ୨୦୧୦ ଦନ୍ତେୱାଡାରେ ହୋଇଥିବା ମାଓବାଦୀ ଆକ୍ରମଣରେ ୭୬ଜଣ ସିଆରପିଏଫ ଯବାନ ଶହୀଦ ହେବା ସହ ଅନେକ ଆହତ ହୋଇଥିଲେ । ଏହି ଘଟଣାରେ ମାଓବାଦୀ ନେତା ପାପା ରାଓର ବଡ଼ ସମ୍ପୃକ୍ତି ରହିଥିଲା । ତା ମୁଣ୍ଡ ଉପରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା । ପାପା ରାଓ ସ୍ତ୍ରୀ ଉର୍ମିଳା ମଧ୍ୟ ସକ୍ରିୟ ଏବଂ ପ୍ରଭାବଶାଳୀ ମାଓବାଦୀ ନେତ୍ରୀ ଥିଲା । ୨୦୨୫ ନଭେମ୍ବର ୧୩ରେ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ସୁରକ୍ଷା ବାହିନୀଙ୍କ ଏନକାଉଂଟରରେ ଉର୍ମିଳା ନିହତ ହୋଇଥିଲେ ।

# ନୀଳକଇଁ କ୍ରିଏସନ ପକ୍ଷରୁ ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ' ର ସିଡି ଉନ୍ମୋଚନ



ଭୁବନେଶ୍ୱର : ନୀଳକଇଁ କ୍ରିଏସନ ପକ୍ଷରୁ ଏକ ଭିନ୍ନ ସ୍ୱାଦର ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ'ର ସିଡି ଉନ୍ମୋଚନ ଉତ୍ସବ ଆଜି ସନ୍ଧ୍ୟାରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସୁପ୍ରସିଦ୍ଧ ଗୀତିକାର, ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ ଗୀତ ଓ ଗଜଲକୁ ଜଣାଶୁଣା କଣ୍ଠଶିଳ୍ପୀ ମାନେ ଶ୍ରୋତାଙ୍କ ନିକଟରେ ଖୁବ ସୁନ୍ଦର ଭାବରେ ପରସିଦେଇଥିଲେ । ସଂଗୀତ କାର୍ଯ୍ୟକ୍ରମ ପୂର୍ବରୁ ଆନୁଷ୍ଠାନିକ ଉନ୍ମୋଚନ ସଭାରେ ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ପ୍ରସିଦ୍ଧ ଗୀତିକାର ସଂଳାପକାର ଡ ରଜନୀ ରଞ୍ଜନ, ବିଶିଷ୍ଟ କବି ଲେଖକ ଶରତ କୁମାର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ୧୭ ଟି ଗୀତକୁ ନେଇ ପ୍ରସ୍ତୁତ 'ସପ୍ତମ ଋତୁର ଜହ୍ନ'ର ସଂଗୀତ ସିଡି, ଗୀତ ଓ ଗଜଲର ଏକ ଅପୂର୍ବ ସମ୍ମିଶ୍ରଣ ଯାହା ଆଜିର ସଂଗୀତପ୍ରେମୀ ମାନଙ୍କୁ ଭଲ ଲାଗିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, ନୀଳକଇଁ ଦୀର୍ଘ ଦିନ ହେବ ସାହିତ୍ୟ ସଂସ୍କୃତି ଏବଂ ସଂଗୀତ ଜଗତ ସହ ଜଡିତ ଅଛି । ସେଇ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଗଜଲ ଶୈଳୀରେ ଲେଖା ଓଡ଼ିଆ ଗୀତ ସବୁ ଆପଣ ମାନଙ୍କ ହୃଦୟକୁ ଛୁଇଁବ ବୋଲି ଆମେ ଆଶା କରୁଛୁ । ପରେ ପରେ ସସ୍ମିତା ଦାସ ଙ୍କ ଲିଖିତ ସପ୍ତମ କବିତା ପୁସ୍ତକ ' ସପ୍ତମ ଋତୁର ଜହ୍ନ ' ର ଲୋକାର୍ପଣ ହୋଇଥିଲା । ଏହି ସିଡ଼ି କ୍ୟାସେଟର ସଂଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବା ବେଳେ ବିଶିଷ୍ଟ ଲେଖିକା ଡ଼ ପ୍ରତିଭା ରାୟ, ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଡ଼ ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳୀ ପଣ୍ଡା, ସସ୍ମିତା ଦାସ, ପ୍ରମୋଦ ଦାସ ଏବଂ ବିପିନ୍ ? ମହାନ୍ତିଙ୍କ ଭଳି ଗୀତିକାର ମାନଙ୍କ ଲେଖା ସବୁ ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର ଛନ୍ଦା ମିଶ୍ର ଏବଂ କୁନି କଳାକାର ଫିଓନାଙ୍କ କଣ୍ଠରେ ଗୀତ ସବୁ ସୃତି ମଧୁର ହୋଇଛି ।

# ଆଇସିସି ବ୍ୟାଟିଂ ମାନ୍ୟତା : ଦ୍ୱିତୀୟ ସ୍ଥାନରେ ସ୍ମୃତି



ଦୁବାଇ : ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ପ୍ରକାଶିତ ସଦ୍ୟତମ ମହିଳା ବ୍ୟାଟିଂ ମାନ୍ୟତାରେ ଭାରତର ସ୍ମୃତି ମାନ୍ଧାନା ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି । ତାଙ୍କ ସାଥୀ ଖେଳା ?ଳି ଶେଫାଳୀ ବର୍ମା ଷଷ୍ଠ ସ୍ଥାନରେ ଓ ଜେମିମା ରୋଡ୍ରିଗ୍ସ ୧୧ତମ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ଅଧିନାୟିକା ହରମନପ୍ରିତ୍ କୌର ନିଜର ମାନ୍ୟତାରେ ଉନ୍ନତି ହାସଲ କରି ୧୪ତମ ସ୍ଥାନରେ ପହଂଚିଛନ୍ତି । ଏହି ତାଲିକାରେ ଅଷ୍ଟ୍ରେଲିଆର ବ୍ୟାଟର ବେଥ୍ ମୁନି ପ୍ରଥମ ସ୍ଥାନରେ ଅଛନ୍ତି । ବୋଲରମାନଙ୍କ ମଧ୍ୟରେ ସ୍ପିନ୍ ଅଲ୍‌ରାଉଣ୍ଡର ଦିପ୍ତି ଶର୍ମା ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଦ୍ରୁତ ବୋଲର ରେଣୁକା ସିଂ ଠାକୁର ଷଷ୍ଠସ୍ଥାନ ବଜାୟ ରଖିଛନ୍ତି । ଏହି ତାଲିକାରେ ପାକିସ୍ତାନର ସାଦିଆ ଇକ୍‌ବାଲ୍ ପ୍ରଥମ ସ୍ଥାନରେ ଅଛନ୍ତି । ସେହିପରି ଅଲରାଉଣ୍ଡର ମାନ୍ୟତାରେ ଭାରତର ଦିପ୍ତି ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**